## ଆଜି ନୂଆପଡା ଜିଲା ବନ୍ଦ

ନୂଆପଡ଼ା,(ମକାରୁ ବେମାଲ): କୋଶଲ୍ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂଆପାଡ଼ା ଜିଲାରେ ଶନିବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ୧୨ ଘଣ୍ଟା ବନ୍ଦ ଡାକରା ଦିଆଯାଇଛି। ଜରୁରୀକାଳିନ ସେବାକୁ ଛାଡି କରି ସରକାରୀ, ବେସକାରୀ ଶିକ୍ଷାନୁଷ୍ଠାନ, ସ୍କଲ, କଲେଜ, ବିଭିନ୍ନ ସରକାରୀ ଓ ବେସକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଦୋକାନ, ବଜାର, ଗାଡିମୋଟର ଆଦି ସବୁ ବନ୍ଦ କରିବା ପାଇଁ ଆହ୍ବାନ ଦିଆଯାଇଛି। ଏହି ବନ୍ଦ ପାଳନରେ ପଶ୍ଚିମ ଓଡିଶାର ୧୧ଟି ଜିଲା ସାମିଲ ହେବ ବୋଲି କୋଶଲ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ସାରାବଙ୍ଗ ଅଞ୍ଚଳରେ ଭାଲୁ ଆତଙ୍କ



ନୂଆପଡ଼ା,୧୭।୧୧(ମକାରୁ ବେମାଲ)

ନୂଆପଡା ଜିଲାରେ ବାଘ ଆତଙ୍କର କିଛି ଦିନ ବ୍ୟବଧାନରେ ପୁଣି ଭାଲୁ ଆତଙ୍କ ଦେଖାଦେଇଛି। ନୂଆପଡା ସଦର ବ୍ଲକ ସାରାବଙ୍ଗ ଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ଶହେ ମିଟର ଦୁର ପଶ୍ଚିମ ଆମାନାରା ଯିବା ରାସ୍ତା ପୋଖରୀ ପାଖରେ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ଭାଲୁ ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ବର୍ତ୍ତମାନ ଧାନ ଚାଷ ଅମଳ ସମୟ ଲୋକେ ନିଜ ଜମିରେ ଧାନ କାଟିବା ପାଇଁ ରହୁଛନ୍ତି। ଅଧିକାଂଶ ଚାଷୀ ଧାନ କାଟିବା ଆରମ୍ଭ କରି ଦେଲେଣି। ଭାଲୁ ବୁଲୁଥିବା ଖବର ଶୁଣି ଭୟରେ ଜମିବାଡ଼ିରୁ ଲୋକେ ପଳାଇ ଆସୁଛନ୍ତି। ଏପରି ଆତଙ୍କ ଲାଗି ରହିଲେ ଧାନ ଚାଷ ସବୁ ନଷ୍ଟ ହୋଇଯିବ। ଧାନ ଚାଷ ସହ ଅନ୍ୟ ଡାଲି ଜାତୀୟ ଓ ପନିପରିବା ଚାଷ କରିଛନ୍ତି। ପନିପରିବା ଚାଷରେ ପାଣି ନ ମଡାଇଲେ ଚାଷ ମରି ଯିବ। ଭୟରେ ଲୋକେ ଜମିକୁ ଯାଉନାହାନ୍ତି। ଶୀଘ୍ର ଭାଲୁକୁ ଘଉଡାଇ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

### ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

କର୍ଲାମୁଣ୍ଡା,୧୭।୧୧(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଆଦର୍ଶ ବିଦ୍ୟାଳୟଠାରେ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ଆନୁକୁଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଉପ ସଭାପତି ସାରଦା ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବିଧାୟକ ଧନେଶର ମାଝି, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଗଜବାହଲ ପଞ୍ଚାୟତ ପୂର୍ବତନ ସରପଞ୍ଚ ପୂଜା ସାହୁ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଜ୍ଞା ଦୀପ୍ତ ରଥ, ଗ୍ରାମ ପଞ୍ଚାୟତ ଅଧିକାରୀ ବସନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାନର ମହତ୍ୱ ବିଷୟରେ ବୁଝାଇଥିଲେ। ଏଥିରେ ୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ଜଣାପଡିଛି। କାର୍ଯ୍ୟକ୍ରମ ରେଗଡା ସରପଞ୍ଚ ଦୀପ୍ତିରାଣୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଭୋଇରମୁଣ୍ଡା ଗଜାନନ ଯୁବକ ସଂଘ, ରେଗଡା ରାଏ ଗଡେନ ସ୍ପୋର୍ଟ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ଭବାନୀପାଟଣା,୧୭।୧୧(ଉତ୍ତମ କୁମାର ଦାଶ)



ଅଗ୍ରଣୀ ମହିଳା ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

■ ମାଛ ପରିବହନ ନିମନ୍ତେ ୩ ଓ ୪ ଚକିଆ ଯାନ ପ୍ରଦାନ

■ ଗାଈଗୁହାଳ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀଠାରେ ଚାଲିଥିବା ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଓମଫେ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ସଭାପତି ମତ୍ସ୍ୟ ବିଶେଷଜ୍ଞ ମ.ସରିଫ ଅହମଦ, ମତ୍ସ୍ୟ ଉପନିର୍ଦ୍ଦେଶକ ଅରୁଣ କୁମାର ବେହେରା, ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଅମିତାଭ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ହେମନ୍ତ କୁମାର ପ୍ରଧାନ ଜିଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଉପରେ ଅବଗତ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ କୁମାରୀ ଦ୍ରୌପଦୀ ମାଝି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୧୩ଟି ବ୍ଲକରୁ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ସହାୟିକା ଗୋଷ୍ଠୀ ଯୋଗଦେଇଥିଲେ। ବୋର୍ଡା ଗ୍ରାମ ପଞ୍ଚାୟତର ୯ଜଣ ଗାଈଚାଷୀଙ୍କୁ ଗାଈଗୁହାଳ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମାଛ ପରିବହନ ନିମନ୍ତେ ୩ ଓ ୪ ଚକିଆ ଯାନ ନର୍ଲା ବ୍ଲକର ମା' ସୁବର୍ଣ୍ଣଗ୍ରାହୀ ଓ ମା' ବସ୍ତୁରେନ ମହିଳା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଗ୍ରଣୀ ବୟୋଫ୍ଲକ ମାଛଚାଷୀ କୋକସରା ସୁଲୋଚନା ପଟେଲ, ଭବାନୀପାଟଣାର ଅଗ୍ରଣୀ ମାଛ ଜାଆଁଳା ଚାଷୀ ଆଶିଷ କୁମାର ମୁଣ୍ଡ, ଅଗ୍ରଣୀ ଗୋପାଳକ ରାଜୀବ ଲୋଚନ ବିଶାଳ ଓ କନକ ଦୁର୍ଗା ମହିଳା ଗୋଷ୍ଠୀଙ୍କୁ ଅଗ୍ରଣୀ କୁକୁଡା ଚାଷୀ ହିସାବରେ ସମ୍ବର୍ଦ୍ଧିତ କରଯାଇଥିଲା। କାର୍ଯ୍ୟକ୍ରମ ଡା ତେଜସିନୀ ସାହୁ ଓ ଡା ସୁଦେବୀ ଭଞ୍ଜ ପରିଚାଳନା କରିଥିଲେ। ଜିଲା କଳା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଅପରାହ୍ନରେ ସରକାରଙ୍କ ଯୋଜନା ସମ୍ବନ୍ଧିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ, ଡିଆଇପିଆରଓ ମନୋଜ ବେହେରା, ପ୍ରାଣୀ ସମ୍ପଦ ବିଭାଗ କର୍ମକର୍ତ୍ତା ଡା ଅଶୋକ କୁମାର ପଣ୍ଡା, ଡା ପ୍ରଭାତ କୁମାର ପରିଡା, ଡା ଦୀପକ ବେଉରା, ଡା କେଦାରନାଥ ଖମାରୀ, ମତ୍ସ୍ୟ ବିଭାଗର ପ୍ରଶାନ୍ତୀ ନାୟକ, ପ୍ରଦୀପ କୁମାର ଘୋଷ, ଲିମନ ଚନ୍ଦ୍ରାକର, ବ୍ରହ୍ମପ୍ରକାଶ ପୃଷ୍ଟି, ମାନବେଶ ମହାପାତ୍ର, ଦେବବ୍ରତ ନାୟକ, ଅଳକା ତାଣ୍ଡି,ବନ୍ଦନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ

ଭବାନୀପାଟଣା,୧୭।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ଶୁକ୍ରବାର ସର୍ବଭାରତୀୟ ସମବାୟ ସପ୍ତାହ ଜିଲାସ୍ତରୀୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଭବାନୀପାଟଣା ପୌରପାଳିକା ଅଧ୍ୟକ୍ଷା ସଂଯୁକ୍ତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲାରେ ସମବାୟ ଆନ୍ଦୋଳନକୁ ଆହୁରି ସୁଦୃଢ଼ କରିବା ସହ ଚାଷୀମାନଙ୍କୁ ଋଣ ଓ ଅନ୍ୟ ସହାୟତା, ସମୃଦ୍ଧି ପାଇଁ ଅତିଥିମାନେ ମତରଖିଥିଲେ। ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମବାୟ ସମିତି ଉପନିବନ୍ଧକ ପ୍ରମୋଦ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବୃନ୍ଦ ତଥା ପାକ୍ସ ଓ ଲାମ୍ପ୍ସ ସଭାପତି ଓ ନିର୍ଦ୍ଦେଶକ ଅଂଶ ଗ୍ରହଣ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଗଣ ମାଧ୍ୟମ ପ୍ରତିନିଧି, ସମବାୟ ବିଭାଗ ଅବସରପ୍ରାପ୍ତ କର୍ମଚାରୀ ଓ ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତଥିଲେ। ରୂପ କେଶରୀ ଦଳାଇ ମଞ୍ଚ ପରିଚାଳନା କରିଥିବାବେଳେ ଭବନାଥ ରାୟଗୁରୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମବାୟ ବିଭାଗ, ସମବାୟ ବ୍ୟାଙ୍କ ଓ ନିୟନ୍ତ୍ରିତ ବଜାର କମିଟି ଭବାନୀପାଟଣା ଓ କେସିଙ୍ଗାର କର୍ମଚାରୀମାନେ ସହଯୋଗ କରିଥିଲେ। ସମବାୟ ବ୍ୟାଙ୍କର ସୁରେଶ ଶତପଥି ଓ ଚକ୍ରଧର ଦାଶ ଓ ଆରଏମସିର କୁନୁ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଉଦ୍‌ଯାପିତ

କୋକସରା,୧୭।୧୧
(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୨ଦିନ ଧରି ଗୋଟୋମୁଣ୍ଡା ପଞ୍ଚାୟତ ଚୋରନିଦ୍ୱାର ଓ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଆମ୍ବ ବଗିଚାରେ ଚାଲିଥିବା ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆମପାଣି ପଞ୍ଚାୟତ କନ୍ଦାଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ମୁଖ୍ୟବକ୍ତା ଆତ୍ମା ଅଧ୍ୟକ୍ଷ ରତୁରାଜ ମାଝି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁକ୍ମଣୀ ବାଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଆତ୍ମା କମିଟି ଅଧ୍ୟକ୍ଷ ରତୁରାଜ ମାଝି, ସମ୍ମାନିତ ଅତିଥି ଭାବେ ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ପୂଝାରୀ, ବ୍ଲକ ସଂଯୋଜକ ଓଏଲଏମ ସୁରେଶ ରାଉତ, ଆତ୍ମା କମିଟି ସଦସ୍ୟ କୁମୁଦ ପାତ୍ର, ଛତୁ ଚାଷ ବିଶେଷଜ୍ଞ ରିକିରାମ ପୁଟେଲ, ସଫଳ ଯୁବ ଚାଷି ସୁଧାଂଶୁ ଦାସ ଯୋଗଦେଇଥିଲେ।

## ତିଖାଲି ଲୋୟର ଇନ୍ଦ୍ର ଜଳପ୍ରକଳ୍ପରେ ନୌକା ବିହାର ଉଦ୍‌ଘାଟିତ

ଖଡ଼ିଆଳ,୧୭।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଓ କୋମନା ବ୍ଲକ ମଧ୍ୟମ ଭାଗରେ ଥିବା ତିଖାଲି ଲୋୟର ଇନ୍ଦ୍ର ଜଳପ୍ରକଳ୍ପରେ ନୌକା ବିହାର ଉଦଘାଟିତ ହେଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଏହାର ଦାୟିତ୍ୱ ଏକେଲା ଆଡଭେଞ୍ଚର ପ୍ରାଇଭେଟ ଲିମିଟେଡ ନେଇଛି। ଅନୁଷ୍ଠାନ ପକ୍ଷରୁ ଉଦଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କୋମନା ବ୍ଲକ




ଅଧ୍ୟକ୍ଷା ଅନୁଷୟା କୁମ୍ଭାର, ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖଡ଼ିଆଳ ନଗରପାଳ ଉଜଲ ଗୁପ୍ତା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା, ଯଦୁମଣି ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ଅନୁଷ୍ଠାନ ଜୟନ୍ତ ପଟ୍ଟନାୟକ, ପିଣ୍ଟୁ, ଦିବ୍ୟଜ୍ୟୋତି, ସୁନିତ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଶୁଭମ୍



@ ଶାନ୍ତନୁ



@ ରୁବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ଏନଏସିର ସଦ ଭାବନା ଗୃହରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ ସମାରୋହ।

କେସିଙ୍ଗା,୧୭।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ସଦଭାବନା ସଭା ଗୃହରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ୧୨ଟି ୱାର୍ଡର ୧୦୮ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ ମନୋନୀତ ହୋଇଛନ୍ତି। ସେଥି ମଧ୍ୟରୁ ୨୦ଜଣଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଛି। ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ୧୦୮ଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ୱାର୍ଡର ୨୦ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଅବଶିଷ୍ଟ ହିତାଧିକାରୀଙ୍କୁ କାଗଜପତ୍ର ପ୍ରସ୍ତୁତି ଶେଷ ହେଲେ ଅଳ୍ପ ଦିନ ମଧ୍ୟରେ ୨ୟ ପର୍ଯ୍ୟାରେ କାର୍ଯ୍ୟାଦେଶ ଦିଆଯିବା ପାଇଁ ଅଧ୍ୟକ୍ଷ କହିଛନ୍ତି। ଘର ତିଆରି ପାଇଁ କୌଣସି ଲୋକଙ୍କୁ ଲାଞ୍ଚ ଦେବେ ନାହିଁ, କେସିଙ୍ଗା ଏନଏସି ଲାଞ୍ଚକୁ ପ୍ରଶ୍ରୟ ଦିଏନାହିଁ। ଯଦି କୌଣସି ଅସାଧୁ ବ୍ୟକ୍ତି ଲାଞ୍ଚ ମାଗେ, ତାହେଲେ ମୋ ନଜରକୁ ଆଣନ୍ତୁ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ୪ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ମୋଟ ଦୁଇ ଲକ୍ଷ କୋଡିଏ ହଜର ଓ ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ କଲେ ଦଶ ହଜାର ଅର୍ଥାତ ଦୁଇ ଲକ୍ଷ ଦଶ ହଜାର ପାଇବେ। ଠିକ ସମୟରେ ଘର ସମ୍ପୂର୍ଣ୍ଣ କରି ଲାଭ ପାଇଁ ଏନଏସି ପକ୍ଷରୁ ହିତାଧିକାରୀଙ୍କୁ କୁହାଯାଇଛି।

## ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

ଜୁନାଗଡ଼,୧୭।୧୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବଳଦିଆମାଲ ଖଗେଶ୍ୱର ମେହେର ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି। ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର ଓ ବ୍ଲକ ଅଧ୍ୟକ୍ଷା ସବିତା ମେହେର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବ୍ଲକର ୧୦୫ଟି ସ୍କୁଲର ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ମୋଟ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ବରିଷ୍ଠ ବର୍ଗରେ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀକାନ୍ତ ବାରିକ ଓ ଚିନ୍ମୟ ନାୟକ ଓ କନିଷ୍ଠ ବର୍ଗରେ ଅନ୍ୱେଷା ପଣ୍ଡା ଓ ଦୀପ୍ତିମୟୀ ବାଗ, ତପସ୍ୱିନୀ ସେନାପତିଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା। ବ୍ଲକ ଶିକ୍ଷାଧିକାରୀ ତପନ ମାଝିଙ୍କ ଅଧ୍ୟକ୍ଷତାରେ ଅପରାହ୍ନରେ ଉଦଯାପନୀରେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ପିଆଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମେହେର, ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ସରୋଜ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ମନୋରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଶିକ୍ଷା ସାଧାନ କେନ୍ଦ୍ର ଉପଦେଷ୍ଟା ବିଜୟ କୁମାର ପାଢ଼ୀ, ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ ନନ୍ଦ, ସନ୍ଦୀପ ପାଢ଼ୀ, ମଳୟ ମୁଣ୍ଡ ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଶପଥ ନେଲେ ଆଦିବାସୀ

ଥୁଆମୂଳ ରାମପୁର, ୧୭।୧୧(ଦୁର୍ଗା କୀର୍ତ୍ତି)

ଜଙ୍ଗଲରେ ଅଧିକାର କେବଳ ଆଦିବାସୀଙ୍କର। ଜଙ୍ଗଲ ବିନା ଆଦିବାସୀଙ୍କ ଅସ୍ତିତ୍ୱ ନାହିଁ। ଜଙ୍ଗଲ ହିଁ ସେମାନଙ୍କ ସାହା ଭରସା। ସରକାର ଚକ୍ରାନ୍ତ କରି ଆଦିବାସୀଙ୍କ ହକ ଜଙ୍ଗଲ ଜମିକୁ ଛଡାଇ ନେବାକୁ କରିଥିବା ଉଦ୍ୟମକୁ ଫଳବତୀ ହେବାକୁ ଦେବେ ନାହିଁ ବୋଲି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ କେରପାଇଠାରେ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ଅବସରରେ ସଂକଳ୍ପ ନେଇଛନ୍ତି ଆଦିବାସୀ। କଳାହାଣ୍ଡି, ରାୟଗଡା ମା' ମାଟି ମାଳି ସୁରକ୍ଷା ମଞ୍ଚ ପକ୍ଷରୁ ଆୟୋଜିତ ସମାବେଶରେ ଖଣିଖନନକୁ ବିରୋଧ କରିଛନ୍ତି ଆଦିବାସୀ। ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମାଝିଙ୍କ ଅଧ୍ୟକ୍ଷତାରେ ଲୋକ ଶକ୍ତି ଅଭିଯାନ ଅଧ୍ୟକ୍ଷ ତଥା ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ମୁଖ୍ୟଅତିଥି ଏବଂ ଲିଙ୍ଗରାଜ ଆଜାଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଥମେ ଖଣି ଲିଜ ବାତିଲ କରି ଆଦିବାସୀଙ୍କୁ ଜଙ୍ଗଲ ଜମି ଯୋଗାଇ ଦେବା ପାଇଁ ଆଦିବାସୀ ଦାବି କରିଛନ୍ତି। ଆଦିବାସୀ ନିଜ ମାଁ, ମାଟି, ମାଳି ପାଇଁ ସଂଗ୍ରାମ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ତ୍ତିକ ନାଏକ, ଜଳେଶର ନାଏକ, ଲକ୍ଷ୍ମଣ ମାଝିଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ସମାବେଶରେ ଯୋଗଦେଇଥିଲେ।




ସମାବେଶରେ ଯୋଗଦେଇଥିବା ଅତିଥି ଏବଂ ଆଦିବାସୀମାନେ।

## ପଞ୍ଚାୟତ କାର୍ଯ୍ୟାଳୟଠାରେ ତାଲା ପକାଇଲେ

ପଲମ,୧୭।୧୧(ଭିକାରି ଗଉଡ)

### ପାଣି ପାଇଁ ହନ୍ତସନ୍ତ ମୁସ୍କୁଟି କଲୋନିପଡ଼ାବାସୀ

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ମସ୍କୁଟି ପଞ୍ଚାୟତସ୍ଥିତ କଲୋନିପଡା ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପଡ଼ାରେ ଥିବା ନଳକୂପ ଖରାପ ସହ ଦୂଷିତ ପାଣି ବାହାରୁ ଥିବାରୁ ଅତିଷ୍ଠ ହୋଇ ଶୁକ୍ରବାର ପଞ୍ଚାୟତ କାର୍ଯ୍ୟାଳୟଠାରେ ମାସିକ ବୈଠକ ବସିଥିବା ବେଳେ କଲୋନୀପଡାର ମହିଳାମାନେ ତାଲା ବନ୍ଦ କରିଥିଲେ। ପ୍ରାୟ ଘଣ୍ଟା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ତାଲା ବନ୍ଦ କରି ରଖିଥିଲେ। ବୁଝାଶୁଝା ପରେ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଆଜି ହିଁ ନଳକୂପ ମରାମତି କରାଯାଇ ନୂତନ ନଳକୂପ ଖୋଳିବା ପାଇଁ ପ୍ରତିଶ୍ରୁତି ଦେବାରୁ ତାଲା ଖୋଲିଥିଲେ। ଏହି ବାବଦ ନେଇ ସରପଞ୍ଚ ସୁଲତା ଭୋଇଙ୍କୁ ପଚାରିବାରୁ ମୁଁ ବର୍ତ୍ତମାନ ନଳକୂପ କର୍ମଚାରୀଙ୍କୁ ଡାକି ତୁରନ୍ତ ମରାମତି କରିଦେଇଛି । ଯଦି ପାଣି ଖରାପ ବାହାରେ ତାହାହେଲେ ନୂତନ ନଳକୂପ ଖୋଳାଯିବ ବୋଲି କହିଥିଲେ। ତାଲାବନ୍ଦ କରିବା ସମୟରେ କଲୋନିପଡାର ମାଧବୀ ସାହୁ, ଗୋଲାପି ସାହୁ, କଳ୍ପନା ବାରିକ, ଜୟନ୍ତି ସାହୁ, ବବିତା ସାହୁ, ରିତା ସାହୁ, ଉର୍ବଶୀ ସାହୁ, ଜାନକୀ ସାହୁ, ବନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଯଦି ଏକମାସ ମଧ୍ୟରେ ବିଶୁଦ୍ଧ ପାଣିର ବବ୍ୟସ୍ଥା କରା ନ ଗଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ତାଲା ପକାଇ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ମହିଳାମାନେ ।

## ରାଜ୍ୟ ସରକାରଙ୍କ ବିରୋଧରେ ଭାଜପାର ବ୍ଲକ ଘେରାଉ

କର୍ଲାମୁଣ୍ଡା/ବେହେରା,୧୭।୧୧(ପ୍ରଦୀପ କୁମାର ସାହୁ/ ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଅପାରଗତ, ଭାଷ୍ଟ୍ରଚାର, ଦୁର୍ନୀତି ବିରୋଧରେ ବ୍ଲକ ଘେରାଉ କରାଯାଇଛି। ଏଥିରେ ଜିଲା ଉପ ସଭାପତି ପ୍ରଶାନ୍ତ କୁମାର ସାହୁ, ନର୍ଲା ସଂଯୋଜକ ଅନିରୁଦ୍ଧ ପଧାନ, ପୂର୍ବତନ ଭାଜପା ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, କଳାହାଣ୍ଡି ପୂର୍ବତନ କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ସିଂଦେଓ, ପୂର୍ବତନ ବିଧାୟକ କୁମରମଣି ଶବର, ଜିଲା ଓବିସି ମୋର୍ଚ୍ଚା ସଭାପତି ପ୍ରଦୀପ କୁମାର ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟା ପ୍ରଭାତୀ ଭୋଇ, ପୁଷ୍ପକାନ୍ତି କୁମାର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ସଭା କାର୍ଯ୍ୟରେ ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା ଏବଂ ଦୟାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୋଳାମଣି ଭୋଇ, ଗୋପୀନାଥ ସାହୁ, ଲିଙ୍ଗରାଜ ସାହୁ ସହଯୋଗ କରିଥିଲେ। ସେହିପରି ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ମଧ୍ୟ ଘେରାଉ କରାଯାଇଥିଲା। ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ସାଧାରଣ ସମ୍ପାଦକ ସୁଧୀର ପଟଯୋଶୀ, ରାଷ୍ଟ୍ରୀୟ ପରିଷଦ ସଭ୍ୟ ଧନଞ୍ଜୟ ପାତ୍ର, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଜାନାର୍ଦନ ପଣ୍ଡା, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅପରେଶ ସ୍ୱାଇଁ, ଯୁବମୋର୍ଚ୍ଚା ବଲାଙ୍ଗୀର ଜିଲା ପ୍ରଭାରୀ ହିମାଶୁ ଶେଖର ପଣ୍ଡା, ବିଜୟ ଦେବ ସାହୁ, ପ୍ରାଣ ପଣ୍ଡା, ଛିଲିପା ସରପଞ୍ଚ ବିଭୁଦତ୍ତ ପ୍ରଧାନୀ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଯୋଗଦେଇଥିଲେ।

**ଏଟିଏମ୍‌ରୁ ଚୋରି ଉଦ୍ୟମ ବିଫଳ**

ସରଣ୍ଡା,(ଯୁଧିଷ୍ଠିର ମହାପାତ୍ର): ବରଗଡ଼ ଜିଲା ଅତାବିରା ବ୍ଲକ କାଦୋବାହାଲରେ ଥିବା ଏକ ଏଟିଏମରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଚୋରି ଉଦ୍ୟମ ବିଫଳ ହୋଇଛି। ଦୁର୍ବୃତ୍ତମାନେ ଚୋରି କରି ନ ପାରି ଏଟିଏମ୍‌କୁ ଭାଙ୍ଗି ଚୁରମାର କରିଦେଇଛନ୍ତି। ତେବେ ସେମାନେ ଏଟିଏମରୁ ଟଙ୍କା ନେଇ ପାରି ନ ଥିବା ତଦନ୍ତକାରୀ ଅଫିସର ଗୋଡ଼ଭଗା ଫାଣ୍ଡି ଅଧିକାରୀ ଅନିମା ଏକ୍କା ପ୍ରକାଶ କରିଛନ୍ତି। ଶୁକ୍ରବାର ସକାଳେ ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୪୧୨/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ରାଜସ୍ୱ ନିରୀକ୍ଷକଙ୍କୁ ୨ବର୍ଷ କାରାଦଣ୍ଡ

ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ) ବରଗଡ଼ ଜିଲା ଅତାବିରା ତହସିଲ ଅନ୍ତର୍ଗତ ଝିଲିମିଣ୍ଡା ରାଜସ୍ୱ ସର୍କଲର ପୂର୍ବତନ ରାଜସ୍ୱ ନିରୀକ୍ଷକ ପିଆଁ ମିର୍ଦ୍ଧାଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟ ୨ବର୍ଷ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। କୃଷି ଉପଯୋଗୀ ଜମିକୁ ଘରଡ଼ିହରେ ପରିବର୍ତ୍ତନ ସମ୍ପର୍କୀତ ଯାଞ୍ଚ ରିପୋର୍ଟ ପାଇଁ ମିର୍ଦ୍ଧା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଥିଲେ। ଏ ନେଇ ସମ୍ବଲପୁର ଭିଜିଲାନ୍ସ କୋର୍ଟରେ ଟିଆର ନଂ-୧୨/୨୦୦୯କ୍ରମେ ରୁଜୁ ହୋଇଥିବା ମାମଲା ବିଚାରାଧୀନ ଥିଲା। ଏହି ମାମଲାର ଶୁଣାଣି କରି ସମ୍ବଲପୁର ଭିଜିଲାନ୍ସ କୋର୍ଟ ସ୍ପେଶାଲ ଜଜ୍ ଉପରୋକ୍ତ ରାୟ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ କାରାଦଣ୍ଡ ଆହୁରି ଏକବର୍ଷ ବୃଦ୍ଧି ପାଇବ ବୋଲି ସ୍ପେଶାଲ ଜଜ୍ ଆଦେଶ କରିଛନ୍ତି । ରାଜସ୍ୱ ନିରୀକ୍ଷକ ମିର୍ଦ୍ଧା ବର୍ତ୍ତମାନ ସୋହେଲା ତହସିଲ ଅଧୀନରେ ରାଜସ୍ୱ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି ।

### ୧୪ତମ ହଷ୍ଟେଲ ପ୍ରିମିୟର ଲିଗ ଉଦ୍‌ଘାଟିତ

ପଦ୍ମପୁର,୧୭।୧୧(ପ୍ରଦୀପ୍ତ ଦାଶ): ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ଛାତ୍ରାବାସର ୧୪ତମ ପ୍ରିମିୟର ଲିଗ୍‌କୁ ମୁଖ୍ୟ ଅତିଥି ତଥା ଛାତ୍ରାବାସ ଅଧୀକ୍ଷକ ପ୍ରାଧ୍ୟାପକ ଡ. ବିରଞ୍ଚି ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହ ଅଧୀକ୍ଷକ ଓମ୍‌ପ୍ରକାଶ ସତନାମୀ, ଅଧ୍ୟାପକ ସଦାନନ୍ଦ ଭୋଇ, ଛାତ୍ରାବାସ ସହାୟକ ସଞ୍ଜୀବ ଜେନା, ବ୍ୟାସଦେବ ବଢେଇ, ଡୁଲେଶ୍ୱର ମହାନନ୍ଦ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦୀପକ ରଣା, ଲୋକେଶ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଥିଲେ ବିଶ୍ୱଦେବ ଲୁହାର, ଆକାଶ ଦାଶ। ଏହି ପ୍ରିମିୟର ଲିଗ୍ ଆସନ୍ତା ୧୯ତାରିଖରେ ଉଦ୍‌ଯାପନ ହେବ।

# ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା

ବରଗଡ଼, ୧୭।୧୧(ପ୍ରେମାନନ୍ଦ ଖମାରୀ)

ଚାଷ ଏବଂ ଚାଷୀଙ୍କ ସମସ୍ୟା ଦିନକୁ ଦିନ ବଢି ଚାଲିଛି। ଏ କ୍ଷେତ୍ରରେ ସରକାର ନିର୍ବିକାର ରହିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢିଚାଲିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ବାରପାହାଡ଼ କୃଷକ ସଙ୍ଗଠନ ଏବଂ ଲାଲ ବାହାଦୂର ଶାସ୍ତ୍ରୀ କୃଷକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭୁକ୍ତା ଆର୍‌ଏମ୍‌ସି ପରିସରରେ ଏକ ବିଶାଳ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହାସହିତ ଚାଷୀମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବ୍ଲକ ଅଫିସକୁ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଦାବିପତ୍ର ବିଡିଓ ଶଙ୍କର ବାଗଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଛନ୍ଦା



ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚରଣ ଭୋଇ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡିଶା କୃଷକ ସଙ୍ଗଠନର ପରାମର୍ଶଦାତା ରମେଶ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉପେକ୍ଷିତ ଅନ୍ନଦାତାମାନଙ୍କୁ ନିଜ ହକ୍ ଓ ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ବାରପାହାଡ଼ କୃଷକ ସଙ୍ଗଠନ ସଭାପତି ଇସାନ ଚନ୍ଦ୍ର ଭୋଇ, ଲାଲ ବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନର ସମ୍ପାଦକ ଶଙ୍କର ଖମାରୀ,

### ୧୧ ଦଫା ଦାବି

ଶହୀଦ ମାଧୋ ସିଂ କୃଷକ ସଙ୍ଗଠନ ଘେସଁର ଉପସଭାପତି କୁଞ୍ଜ ବିହାରୀ, ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ ସାହୁ, ସଦସ୍ୟ ଲିଙ୍ଗରାଜ ପଧାନ, ଆଇନ ପରାମର୍ଶଦାତା ଅଜିତ ଶତପଥି, ସମ୍ପାଦକ ଲଳିତ ପଧାନ, ସୁବାସ ସାମନ୍ତରାୟ, ଉଦେକର ବେହେରା, ଭେଡେନ କୃଷକ ସଙ୍ଗଠନର ସୁଦାମ ପାତ୍ର, ବରଗଡ଼ କୃଷକ ସଙ୍ଗଠନର ନିରଞ୍ଜନ ପଧାନ, ଭଟଲି କୃଷକ ସଙ୍ଗଠନର ଫକିର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ହକ୍ ଓ ଅଧିକାରକୁ ଛଡେଇ ନେଇଥିବା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଚାଷୀନେତା ଇନ୍ଦ୍ରଜିତ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ବରଗଡ଼ ଗସ୍ତ

ବରଗଡ଼/ସରଣ୍ଡା,୧୭।୧୧ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଶୁକ୍ରବାର ବରଗଡ଼ ଜିଲା ଗସ୍ତ କରିଥିଲେ। ସେ ତାଙ୍କର ଏହି ଗସ୍ତରେ ଜିଲାର ଅନେକ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବା ସହିତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିଜେପୁର କଲେଜରେ ୭୮ଲକ୍ଷ ୪୩ହଜାର ଟଙ୍କା ବ୍ୟୟ ଅଟକଳରେ ବହୁମୁଖୀ ଅଡ଼ିଟୋରିୟମ ନିର୍ମାଣ ପାଇଁ ସେ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ତଥା ବିଜେପୁର ବିଧାୟିକା ରୀତା ସାହୁ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବିଜେପୁର ବ୍ଲକ ସ୍ଥିତ ଟାଙ୍ଗରୁପଦରରୁ ମଘା ରାସ୍ତା ଏବଂ ତାଲପଦରରୁ ବରଗୋଡ଼ା ରାସ୍ତାରେ ବ୍ରିଜ ନିର୍ମାଣ ପାଇଁ ମଧ୍ୟ ତ୍ରିପାଠୀ ଶିଳାନ୍ୟାସ କରିଥିଲେ। ଏହି ବ୍ରିଜ ନିର୍ମାଣ



ବିଜେପୁର କଲେଜ ଅଡ଼ିଟୋରିୟମ ଶିଳାନ୍ୟାସ ସମାରୋହରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ବକ୍ତବ୍ୟ ରଖୁଛନ୍ତି ।

ପାଇଁ ୨୦ଲକ୍ଷ ଟଙ୍କା ଲେଖାଏଁ ବ୍ୟୟବରାଦ ହୋଇଥିବା ସେ ସୂଚନା ଦେଇଥିଲେ। ସେହିପରି ଅତାବିରା ବ୍ଲକ ଖଇରପାଲିରେ ନିର୍ମିତ ମୁଖ୍ୟମନ୍ତ୍ରୀ ସଭାଘରକୁ ତ୍ରିପାଠୀ ପରିଦର୍ଶନ କରିଥିଲେ। ଏହି ସଭାଘର ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦରୁ ୮୪ଲକ୍ଷ ୧୫ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର ଏବଂ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

### ଘଣ୍ଟାପଡ଼ା ବ୍ୟାଙ୍କରୁ ଚୋରି ଉଦ୍ୟମ

ଘଣ୍ଟାପଡ଼ା,୧୭।୧୧(ପ୍ରଭାତ କୁମାର ସାହୁ): ଗୁରୁବାର ବିଳମ୍ବିତ ରାତିରେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଚୋରମାନେ ପଶିଥିଲେ ହେଁ ଟଙ୍କା ଲୁଟି ନେବାରେ ସଫଳ ହୋଇନାହାନ୍ତି। ଚୋରମାନେ ଗେଟ ତାଲା ଭାଙ୍ଗିବା ସହ ବ୍ୟାଙ୍କ ମ୍ୟାନେଜରଙ୍କ ଆଲମିରା ଓ ସିସିଟିଭି କ୍ୟାମେରା ମଧ୍ୟ ଭାଙ୍ଗିଛନ୍ତି। ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ କରିଛନ୍ତି। ତେବେ ଭଣ୍ଡାର ଘର ଭାଙ୍ଗି ପାରି ନାହାନ୍ତି। ଫଳରେ କିଛି ଟଙ୍କା ଚୋରି ହୋଇନାହିଁ। କିନ୍ତୁ ସିସିଟିଭିର ହାର୍ଡଡିସ୍କ ଭାବି ବ୍ୟାଙ୍କିଙ୍ଗର ରାଉଟର ମେଶିନକୁ ଖୋଲି ଦେଇଛନ୍ତି। ଫଳରେ ବ୍ୟାଙ୍କର ସମସ୍ତ କାରବାର ଠପ୍ ହୋଇଯାଇଛି । ଏ ସଂପର୍କରେ ବ୍ୟାଙ୍କର ଶାଖା ପରିଚାଳକ ଦେବାଶିଷ ନାଏକ କହିଛନ୍ତି, ଏହି ମେଶିନ କାର୍ଯ୍ୟକାରୀ ନ ହେବା ପର୍ଯ୍ୟନ୍ତ ବ୍ୟାଙ୍କରେ କୌଣସି କାରବାର ହୋଇ ପାରିବ ନାହିଁ। ଫଳରେ ଗ୍ରାହକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଘଣ୍ଟାପଡା ପୋଲିସ ଏ ନେଇ ତଦନ୍ତ କରୁଛି।

### ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ଶୁଭମ୍



@ ଶାନ୍ତନୁ



@ ରୁବି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଲରମ୍ଭା କଲେଜରେ ଓଡ଼ିଆ ପାଠଚକ୍ର

ଅତାବିରା, ୧୭।୧୧(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲରମ୍ଭା ମହାବିଦ୍ୟାଳୟର ଓଡିଆ ବିଭାଗର ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେରେ ବିଶ୍ୱଭାରତୀ, ଶାନ୍ତିନିକେତନର ଓଡିଆ ବିଭାଗ ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାସ ଆଲୋଚକ ଭାବେ ଯୋଗଦାନ କରିଥିଲେ। ପ୍ରଥମେ କଲେଜ ପ୍ରତିଷ୍ଠାତା ବ୍ରଜମୋହନ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ମହାବିଦ୍ୟାଳୟର ପ୍ରଫେସର ଡ. ଦିଗମ୍ବର ଚାନ୍ଦ, ପ୍ରଫେସର ଅଶୋକ କୁମାର ମହାନ୍ତି, ଅଧ୍ୟାପକ ଗୁରୁଦେବ କୁଶଳ ଯୋଗଦେଇ ପାଠଚକ୍ରର ଶୁଭାରମ୍ଭ କରିଥିଲେ। ଏଥିରେ 'ସାହିତ୍ୟରେ ପ୍ରତୀକବାଦ' ଉପରେ ଆଲୋଚନା କରାଯାଇଥିଲା। ବିଭାଗୀୟ ମୁଖ୍ୟା ଡ. ଶାନ୍ତିଲତା ବାରିକ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଡ. ରଞ୍ଜିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଅଜିତ କୁମାର ନାଥ, ଅଧ୍ୟାପିକା ସଂଘମିତ୍ରା ମହାକୁର, ଯଶୋବନ୍ତୀ ସାଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ପାଠଚକ୍ରରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକ।

# ବରଗଡ଼ରେ ବିଜେଡିର ପ୍ରଶିକ୍ଷଣ ଶିବିର



ପ୍ରଶିକ୍ଷଣ ଶିବିରରେ ବିଜେଡି ନେତୃବୃନ୍ଦ।

ବରଗଡ଼, ୧୭।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ବିଜେଡି ସଭ୍ୟାସଭ୍ୟଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ବିଜେଡି ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷଣ ଶିବିରର ପ୍ରଥମ ଦିନରେ ଧାଙ୍ଗେର ଖଣ୍ଡହତା, କୁରୁଆଁ, ଗାଇସୀମା, ଅତଗାଁ, ତାଲଶ୍ରିଗିଡା, କଳାପାଣି, ତୁମଗାଁ, ତୋରା, ବରଗୋଡା, ଜମୁର୍ଡ଼ା ଖଲିଆପାଲି, ବନ୍ଧା, ନୁନିଆ ଜାମପାଲି ଆଦି ଗ୍ରାମପଞ୍ଚାୟତର ବିଜେଡି ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧ରୁ ୱାର୍ଡ ନଂ-୬ର ବିଜେଡି ସଭ୍ୟାସଭ୍ୟଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସମସ୍ତ ସଭ୍ୟାସଭ୍ୟଙ୍କୁ ୱାର୍ଡ ଓ ବୁଥ୍ ସ୍ତରରେ କିପରି କାମ କରି ସାଙ୍ଗଠନିକ ପ୍ରକ୍ରିୟାକୁ ସୁଦୃଢ଼ କରିବେ, ସେ ବିଷୟରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରିଷ୍ଠ ବିଜେଡି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଆଶୋକ ଯୋଶୀ, ଗୌରହରି ମିଶ୍ର, ଗୋପାଳ ଲାଠ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଙ୍ଗଠକ ସଞ୍ଜୟ ବାବୁ ଓ ତାପସ ତ୍ରିପାଠୀ ଦଳୀୟ ସଭ୍ୟାସଭ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ଅତାବିରା ଏନଏସି: ଆବାସ କାର୍ଯ୍ୟାଦେଶ ପାଇଲେ ୧୧୯



ଅତାବିରା ବିଧାୟିକା ଆବାସ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି ।

ସରଣ୍ଡା,୧୭।୧୧(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ କାର୍ଯ୍ୟାଳୟ ସାମ୍ନାରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୧୯ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ପୂର୍ବରୁ ୨/୩ ଶହ ହିତାଧିକାରୀଙ୍କୁ ଆବାସ ଦିଆଯାଇଛି। ଆଜି ୧୧୯ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଗଲା। ଅନ୍ୟମାନଙ୍କୁ ପର୍ଯ୍ୟାୟ କ୍ରମେ ଆବାସ ଦିଆଯିବ ବୋଲି ବିଧାୟିକା ଛୁରିଆ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ନିର୍ବାହୀ ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ଅଧ୍ୟକ୍ଷ ବନମାଳି ବରିହା, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପଣ୍ଡାଙ୍କ ସମେତ କାଉନସିଲ ଯୋଗ ଦେଇଥିଲେ। ନୋଡାଲ ଅଫିସର ଦୁର୍ଯ୍ୟୋଧନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ୧୯ରୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

ସୋନପୁର,୧୭।୧୧(ମୃତ୍ୟୁଞ୍ଜୟ ଶତପଥୀ)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସୁବର୍ଣ୍ଣପୁରରେ ୨ ଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହେବ । ଏହି ମେଳା ଜିଲା ସଂସ୍କୃତି ଭବନ ପରିସରରେ ଆସନ୍ତା ୧୯ ରୁ ଆରମ୍ଭ ହୋଇ ୨୦ ତାରିଖରେ ଉଦ୍‌ଯାପିତ ହେବ । ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ ଆୟୋଜିତ ହେବ । ଏହାଛଡା ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ସମ୍ପଦର ପ୍ରଦର୍ଶନ କରାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରତ୍ନାକର ରାଉତ ଓ ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ଭାଜପା ପକ୍ଷରୁ ରାଜପଥ ଅବରୋଧ

ଘଣ୍ଟାପଡ଼ା/କଣ୍ଟାମାଳ,୧୭।୧୧ (ପ୍ରଭାତ କୁମାର ସାହୁ / ଆଦିତେଶ୍ୱର ମିଶ୍ର)

ଶୁକ୍ରବାର ଭାଜପା ପକ୍ଷରୁ ମନମୁଣ୍ଡା -ବାଲିଗୁଡା ରାସ୍ତାର କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୪୧ନମ୍ବର ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ସୂଚନା ଅନୁଯାୟୀ, ଭାଜପା ପକ୍ଷରୁ ଜନ ଆକ୍ରୋଶ କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଘେରାଉ, ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରିବାର ଥିଲା। ସକାଳ ୯ଟା ସମୟରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଜିଲା ସଭାପତି ବିପ୍ର ଚରଣ ମହାନ୍ତି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଜଣେ କନିଷ୍ଠ ଯନ୍ତ୍ରୀ ଦାବିପତ୍ର ନେବାକୁ ଆସିଥିଲେ । ତେବେ ବିଡ଼ିଓଙ୍କୁ ଦାବିପତ୍ର ଦେବା ପାଇଁ ନେତୃବୃନ୍ଦ ଅଡ଼ି ବସିଥିଲେ। ଏହାକୁ ନେଇ କର୍ମୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ବିଡ଼ିଓଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଥିବା ବେଳେ ସେ ଅନୁପସ୍ଥିତ ରହି ଦଳପ୍ରତି ଅଣଦେଖା କରିବା ଅଭିଯୋଗ କରି ଶତାଧିକ କର୍ମୀ ଓ ନେତା ବ୍ଲକ ସମ୍ମୁଖ ରାଜ୍ୟ ରାଜପଥ ଅବରୋଧ କରିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ସନ୍ଧ୍ୟା ୬ ଟାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ଠାରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ସମ୍ବଳିତ ଦାବିପତ୍ର ଗ୍ରହଣ କରିଥିଲେ ।

# ଦିବ୍ୟାଙ୍ଗଙ୍କ ଦୀପାବଳି ବନ୍ଧୁମିଳନ

ବରଗଡ଼,୧୭।୧୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସ୍ୱୟଂସିଦ୍ଧା ଭବନ ପରିସରରେ ଗୁରୁବାର ପାୱାର ଅଫ୍ ଦିବ୍ୟାଙ୍ଗ ସଙ୍ଗଠନ ପକ୍ଷରୁ ପଶ୍ଚିମ ଓଡ଼ିଶା ସ୍ତରୀୟ ଦିବ୍ୟାଙ୍ଗଙ୍କ ଦୀପାବଳି ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ଇଥାନାଲ ପ୍ଲାଷ୍ଟର ଏଜିଏମ୍ ରଶ୍ମିରଞ୍ଜନ ରାଉତ ଏବଂ ସଂସ୍କାର ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱଡିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ କିନ୍ନର ସଂଘ ସଭାପତି ମେହେନ୍ଦୀ, ସଙ୍ଗଠନର ଉପ ସଭାପତି ଅଶୋକ ଅଗ୍ରୱାଲ, ମଞ୍ଜୁଲତା ଦାଶ, ମୁଖ୍ୟ ସଂଯୋଜକ ରତନଲାଲ ଅଗ୍ରୱାଲ ଏବଂ ସାଧାରଣ ସମ୍ପାଦକ ମେଘନାଦ ସାହୁ ମଞ୍ଚାସୀନ ଥିଲେ। ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ ଶିକ୍ଷକ ଅମରେଶ ଚନ୍ଦ୍ର ବାରିକ ଏବଂ କାମଦେବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ତଥା ଜିଲା ବାହାରୁ ପ୍ରାୟ ୫୦୦ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର ଦିବ୍ୟାଙ୍ଗମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ୪ଟି ସିଲେଇ ମେଶିନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାମୀ ମିଶ୍ର, ପୁଷ୍ପାଞ୍ଜଳି ଷଡଙ୍ଗୀ, ସାନ ମେହେର, ବସନ୍ତ ଭୋଇ ଏବଂ ତରଣି ସୁନା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ

ପଦ୍ମପୁର/ସରଣ୍ଡା,୧୭।୧୧ (ପ୍ରଦୀପ୍ତ ଦାଶ/ଯୁଧିଷ୍ଠିର ମହାପାତ୍ର)

ତୃଣମୂଳ ସ୍ତରରୁ ଓଡ଼ିଆ ଭାଷାକୁ ସୁଦୃଢ କରିବା ଓ ବିଶ୍ୱବ୍ୟାପୀ ପ୍ରଚାର ପ୍ରସାରର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ଆରମ୍ଭ କରିଛନ୍ତି। ଏହି କ୍ରମରେ ଶୁକ୍ରବାର ରାଜବୋଡାସମ୍ବର ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ପ୍ରଥମ ପର୍ଯ୍ୟାୟରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ମାନପତ୍ର ପ୍ରଦାନ କରିଛନ୍ତି। ପୁରସ୍କାର ଅର୍ଥରାଶି ୫ହଜାର ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଟାଉନ୍ ହାଇସ୍କୁଲର ସୁମିତ ପଟେଲ, ଟିଙ୍କୁ ନାଏକ ଏବଂ ଘନାମାଲ ହାଇସ୍କୁଲର ମଳୟ ବେହେରା, ଶୁଭଶ୍ରୀ ମିଶ୍ର ଓ କେଶନ ବାରିକ ଏହି ପୁରସ୍କାର ପାଇଛନ୍ତି। ଏହି ସମୟରେ ଏବିଇଓ ରାମସିଂହ ଭୋଇ ଓ ଶିବପ୍ରସାଦ ଯୋଶୀ ଉପସ୍ଥିତ ଥିଲେ।



କୃତୀ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଉଛି।

ସରଣ୍ଡା (ଯୁଧିଷ୍ଠିର ମହାପାତ୍ର): ଅତାବିରା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ଏହି କ୍ରମରେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଚ୍ଚିରାଣୀ ମେହେର, ଶୁଭଶ୍ରୀ ତାଣ୍ଡିଆ, ଇନିଗୁରି ରକ୍ଷିତ, ସ୍ୱିଗ୍ଧାରାଣୀ ଛତ୍ରିଆ, ସାଗରିକା ନାୟକ, ସାଇକ୍ରିଷ୍ଣା ଦାସ, ସ୍ମୃତି ଭୁଏ, ଅସିତ ପଧାନ, ଦୀପାଞ୍ଜଳି ବାଇସ୍ତାନ, ସେଲୋନୀ ପଧାନ, ସୁଦୀକ୍ଷା ନାଗ ଓ ସ୍ତୁତିଶ୍ରୀ ରଣାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏବିଇଓ କାର୍ତ୍ତିକ ବାଗ, ରବୀନ୍ଦ୍ର କୁମାର ସାହୁ ଏବଂ ପ୍ରଧାନ ଶିକ୍ଷକ ମନୋଜ ହରିପାଲ ଉପସ୍ଥିତ ଥିଲେ। ସିଆରସିସି ନନ୍ଦିଘୋଷ ଭୁଏ, ନୃପ ଭୋଇ, ଜୟଦେବ ନାଏକ, ଖେଳ ଶିକ୍ଷକ ଲବ ସାହୁ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସୁରଭିରେ ସୌମ୍ୟ ରାଜ୍ୟସ୍ତରରେ ୨ୟ

ବଡ଼ଗାଁ,୧୭।୧୧(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସୁରଭିର କୁଇଜ୍ ପ୍ରତିଯୋଗିତାରେ ୨ୟ ସ୍ଥାନ ହାସଲ କରିଛନ୍ତି। ସେ ହେଲେ ବଡ଼ଗାଁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କର୍ମଚାରୀ ଶିଶିର କୁମାର ନାୟକ ଓ ମା' ମିନିଙ୍କ ଜ୍ୟେଷ୍ଠ ପୁତ୍ର ସୌମ୍ୟ ରଞ୍ଜନ ନାୟକ। ୨ୟ ବର୍ଷ ବିଜ୍ଞାନ ଛାତ୍ର ସୌମ୍ୟ ଅକ୍ଟୋବର ୧୪ରେ ବ୍ଲକ୍ ସ୍ତରୀୟ ଓ ନଭେମ୍ବର ୯ରେ ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ କରି କୁଇଜ୍‌ରେ ପ୍ରଥମ ସ୍ଥାନ ପାଇ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ଅଂଶଗ୍ରହଣ ପାଇଁ ଚୟନ ହୋଇଥିଲେ। ଗତ ୧୪ରୁ ୧୬ ତାରିଖ ଭୁବନେଶ୍ୱର ସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ରାଜ୍ୟସ୍ତରୀୟ ସୁରଭିର କୁଇଜ୍‌ରେ ୨ୟ ସ୍ଥାନ ପାଇ ପୁରସ୍କୃତ ହୋଇଛନ୍ତି।

# ମା' ଝିଅଙ୍କୁ ତଣ୍ଟି ଚିପି ହତ୍ୟା ମାମଲା, ଆଜୀବନ କାରାଦଣ୍ଡ

ସୁନ୍ଦରଗଡ,୧୭।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ଦୌରାଜଜ୍ ଶୁଭଦର୍ଶୀ ପଟ୍ଟନାୟକ ଶୁକ୍ରବାର ୨୦୧୭ର ଏକ ହତ୍ୟା ମାମଲାର ଶୁଣାଣୀ କରି ଅଭିଯୁକ୍ତ ସଲିଲ ଭେଙ୍ଗରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୧୦ହଜାର ଟଙ୍କା ଜୋରିମାନା ଓ ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ପାଇଁ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟର ବିବରଣୀରୁ ପ୍ରକାଶ ଯେ, କୁତ୍ରା ଥାନା ଅନ୍ତର୍ଗତ କହପାନି ଖୁଦାନପଡାର ପାତ୍ରିକ ମିଞ୍ଜ ହେମଗିର ଥାନା ଅନ୍ତର୍ଗତ ଏକ କମ୍ପାନୀରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଟିକିଲିପଡା ଅଞ୍ଚଳରେ ନିଜ ସ୍ତ୍ରୀ, ଝିଅ ପୁଅଙ୍କୁ ନେଇ ରହୁଥିଲେ। ୨୦୧୭ ଡିସେମ୍ବର୨୫ରେ ପାତ୍ରିକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତ ମନ୍ଦ ଉଦ୍ଦେଶ୍ୟ ରଖି କବାଟ ବାଡେଇ ଥିଲେ। ପାତ୍ରିକଙ୍କ ସ୍ତ୍ରୀ ନନ୍ଦିଆ କବାଟ ଖୋଲିବାରୁ ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ସେ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ତଣ୍ଟି ଚିପି ତାଙ୍କୁ ହତ୍ୟା କରିଥିଲେ। ଏହାକୁ ବିରୋଧ କରିବାରୁ ତାଙ୍କର ୮ବର୍ଷର ଝିଅ ସ୍ମୃତି ମଧ ତଣ୍ଟି ଚିପି ହତ୍ୟା କରିଥିଲେ। ଏହାପରେ ୨ବର୍ଷ ପୁଅକୁ ମାଡ ମାରି ଫେରାର ହୋଇଯାଇଥିଲେ। ପରଦିନ ସକାଳେ ପାତ୍ରିକ ଘରକୁ ଫେରି ଘଟଣା ସମ୍ପର୍କରେ ଅବଗତ ହେବା ପରେ ପୋଲିସକୁ ଖବର ଦେଇଥିଲେ। ତତ୍କାଳୀନ ଥାନା ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରି ମା' ଝିଅଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ତଦନ୍ତପରେ ଅଭିଯୁକ୍ତ ସଲିଲଙ୍କୁ ଗିରଫ କରି ତାଙ୍କ ବିରୋଧରେ ହେମଗିର ଥାନାରେ କେଶ ନମ୍ବର ୧୮୦/୨୦୧୭ରେ ଏକ ହତ୍ୟା ଓ ଜୀବନରେ ମାରିଦେବା ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତ ସଲିଲଙ୍କ ଘର ଝାଡଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ରେଢା ଗ୍ରାମରେ। ସରକାରଙ୍କ ପକ୍ଷରୁ ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ଅଶୋକ କୁମାର ସ୍ୱାଇଁ ଏହି ମାମଲା ପରିଚାଳନା କରୁଥିଲେ।

## ରାଉଳଡ଼େଗାରେ ପୁଷ୍ଟି ଶସ୍ୟ ଜାତୀୟ ଅମଳ ମହୋତ୍ସବ

ବାଲିଶଙ୍କରା,୧୭।୧୧(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତ ରାଉଳଡେଗା ଗ୍ରାମର ପୋଢ଼ଧୁଆପଡା ଖେଳପଡିଆରେ ମିଲେଟ ମିଶନ ଏବଂ ରଙ୍ଗିଆମୁଣ୍ଡା ସେବକ ଆନୁକୂଲ୍ୟରେ ପୁଷ୍ଟି ଶସ୍ୟ ଜାତୀୟ ଅମଳ ମହୋତ୍ସବ ପ୍ରୋଗ୍ରାମ କୋଡିନେଟର ମୋନାଲିସା ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ଯୋଗଦେଇ ବିଦେଶୀ ଖାଦ୍ୟକୁ ବର୍ଜନ କରି ମାଣ୍ଡିଆ, କଦୋ, ସୁଆଁ, ବାଜରା, ଗଙ୍ଗେ ଚାଷ କରି ଦେଶୀ ଖାଦ୍ୟ ଗ୍ରହଣ କରି ନିରୋଗୀ ରହିବା ବୋଲି ସମସ୍ତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ମିଲେଟ ମିଶନ ଅତିରିକ୍ତ କୋଡିନେଟର ତରୁଣ କୁମାର ସାହୁ ଅତିଥି ପରିଚୟ, ସଭାସଞ୍ଚାଳନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ, ବିଡିଓ ଜ୍ୟୋତିର୍ମୟୀ ପ୍ରଧାନ, ତଲସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ, ଶିଶୁ ବିକାଶ ଅଧିକାରୀ ପ୍ରତିମା ତନ୍ତୀ, ସେବକ ଡାଇରେକ୍ଟର ନୀଳାମ୍ବର ଉପାଧ୍ୟାୟ, ସିଇଓ ଅମିତ କୁମାର ସାହୁ, ବୈଜ୍ଞାନିକ ଡେବିଡ ବାଗେ ପ୍ରମୁଖ ଯୋଗଦେଇ ପୁଷ୍ଟି ଶସ୍ୟ ଜାତୀୟ ଖାଦ୍ୟର ଚାହିଦା ଓ ଚାଷ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବାଲିଶଙ୍କରା ବ୍ଲକରେ ୯୨୦.୬ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବା ନେଇ ଅତିରିକ୍ତ ବ୍ଲକ କୋଡିନେଟର ତରୁଣ କୁମାର ସାହୁ ସୂଚନା ଦେଇଥିଲେ। ପରେ କ୍ରପ କଟିଂ ଉପରେ ଅତିଥିମାନେ ଚାଷୀଙ୍କୁ ତାଲିମ ଦେଇଥିଲେ। ସେବକ ସଂସ୍ଥାରୁ ଠଣସୁନ୍ଦର ଗନ୍ଧା, ଅମୀୟ ରଞ୍ଜନ ଲେଙ୍କା, ମନୋରଞ୍ଜନ ମଲ୍ଲିକ, ୱାସନ ଟିମ ଡିପିସି ସୁନୀଲ ପଟେଲ, ଅନିଲ ବନଛୁର ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ।



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ରାଜ୍ୟସ୍ତରୀୟ ସୁରଭିରେ ୨ଭିନ୍ନକ୍ଷମ ଝିଅଙ୍କ ସଫଳତା



ରଶ୍ମି ମହାଲି ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ସୁନ୍ଦରଗଡ,୧୭।୧୧(ଜୟ ନାରାୟଣ ମେଣ୍ଡୁଲି)

ରାଜ୍ୟ ସ୍ତରୀୟ ସୁରଭିରେ ସୁନ୍ଦରଗଡର ୨ଭିନ୍ନକ୍ଷମ ଝିଅ କମାଲ ଦେଖାଇଛନ୍ତି। ଗତ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ୟୁନିଟ-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ସୁରଭିରେ ଜିଲାରୁ ୩୬ ଜଣିଆ ପ୍ରତିନିଧି ଦଳ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲାର ୨ ଭିନ୍ନକ୍ଷମ ଝିଅଙ୍କ କୃତିତ୍ୱ ସାରା ରାଜ୍ୟରେ ଦୃଷ୍ଟି ଆକର୍ଷଣ କରିଛି। ସେମାନଙ୍କ ମଧ୍ୟରୁ ବରିଷ୍ଠ ଭିନ୍ନକ୍ଷମ ସଂଗୀତ ପ୍ରତିଯୋଗିତାରେ ଦେଓକରନ ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ରୀ ରଶ୍ମି ମହାଲି ସାରା ରାଜ୍ୟରେ ୨ ସ୍ଥାନ ଅଧିକାର କରି ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କାର ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି ଭିନ୍ନକ୍ଷମ ବରିଷ୍ଠ ଚିତ୍ରାଙ୍କନ ପ୍ରତିଯୋଗିତାରେ ଆଉଜଣେ ଛାତ୍ରୀ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରିୟଙ୍କା ବେସନ ୩ୟ ସ୍ଥାନ ଅଧିକାର କରି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ତର୍ନିବେଶୀ ଶିକ୍ଷା ବିଭାଗର ସଫଳ ରୂପାୟନ କ୍ଷେତ୍ରରେ ଏହା ଏକ ସ୍ୱୀକୃତି ବୋଲି ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପଧାନ ଅଭିହିତ କରିବା ସହିତ ସମ୍ପୃକ୍ତ ଶିକ୍ଷକଙ୍କୁ ସାଧୁବାଦ ଜଣେଇଛନ୍ତି। ସମସ୍ତ କୃତି ପ୍ରତିଯୋଗୀ ଓ ଅଂଶ ଗ୍ରହଣକାରୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ଶୁଭେଚ୍ଛା ଜଣାଇଥିଲେ।

## ୨ ମାସ ନ ପୂରୁଣୁ ରାସ୍ତା ଫାଟି ଆଁ

ବାଲିଶଙ୍କରା,୧୭।୧୨(ହୃଦାନନ୍ଦ ବାରିକ)

- ନିମ୍ନମାନର କଂକ୍ରିଟକରଣ
- ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ

ଗମନାଗମନର ସୁବିଧା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କଂକ୍ରିଟକରଣ ଓ ପିଚୁ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ବାସ୍ତବରେ ଏହା ସବୁ ଜାଗାରେ ପହଞ୍ଚି ପାରୁନି। ଏହାର ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତଲସରା ପଞ୍ଚାୟତ ରାଉଳଡେଗା ଗ୍ରାମରେ। ଜିଲା ପରିଷଦ ପାଣ୍ଠିରୁ ୩ ଲକ୍ଷ ବ୍ୟୟ ବରାଦରେ କଂକ୍ରିଟକରଣ କରାଯାଇଥିଲା। ହେଲେ ନିମ୍ନମାନର କାମ ଯୋଗୁ ୨ ମାସ ନ ପୂରୁଣୁ ରାସ୍ତା ଫାଟି ଆଁ କଲାଣି। ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତଲସରା ସରପଞ୍ଚ ତ୍ରିଲୋଚନ ପ୍ରଧାନ ଓ ସ୍ଥାନୀୟ ଗ୍ରାମବାସୀ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆଙ୍କ ଦୃଷ୍ଟି ଆକର୍ଷଣ କରିବାସହ ଉକ୍ତ କଂକ୍ରିଟକରଣ ନିମ୍ନମାନର ହୋଇଥିବା ନେଇ ଅଧକ୍ଷା ଉଦ୍‌ବେଗ ପ୍ରକାଶ କରିଥିଲେ। ସହକାରୀ ଯନ୍ତ୍ରୀ ମହେନ୍ଦ୍ର କୁମାର ଅମାତ ଓ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଉକ୍ତ କାର୍ଯ୍ୟ କେବେ ହୋଇଛି ସେ ଜାଣି ନ ଥିବା ବେଳେ ଉକ୍ତ କାର୍ଯ୍ୟଟି ଜେଇ, ଏଇଙ୍କ ଅନୁପସ୍ଥିତିରେ ହୋଇଥିବା କହିଥିଲେ।





## ମିଲେଟରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଉପରେ ପ୍ରତିଯୋଗିତା

ସୁନ୍ଦରଗଡ,୧୭।୧୧(ଜୟ ନାରାୟଣ ମେଣ୍ଡୁଲି)

ଆନ୍ତର୍ଜାତୀୟ ମିଲେଟ୍ସ ବର୍ଷ ପାଳନ ଅବସରରେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାଲିଶଙ୍କରା ବ୍ଲକ ପଢ଼ଧୁଆ ଗ୍ରାମରେ ଶୁକ୍ରବାର ମିଲେଟରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ଉପରେ ଏକ ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ୯ଟି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରି ମାଣ୍ଡିଆ, ସୁଆଁ ଓ ଗଙ୍ଗେଇ ଇତ୍ୟାଦିରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମଟି ଉଷଥି କୃଷକ ଉତ୍ପାଦକ ସଙ୍ଗଠନ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ, ସେବକ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଜିଲାର ମୁଖ୍ୟ କୃଷି ଅଧିକାରୀ, ସିଡିପିଓ, ବ୍ଲକ ଚେୟାରମ୍ୟାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଓଡ଼ିଶା ମିଲେଟ୍ସ ମିଶନ ଅଧିକାରୀବୃନ୍ଦ, ତଲସରା ସରପଞ୍ଚ, ଉଷଥି କୃଷକ ଉତ୍ପାଦକ ସଙ୍ଗଠନ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ ତଥା ସେବକର ଅଧିକାରୀ ବୃନ୍ଦ ଯୋଗଦେଇ ଗ୍ରାମବାସୀଙ୍କୁ ଶ୍ରୀଅନ୍ନ ବା ମିଲେଟ ଚାଷକୁ ବ୍ୟାପକ କରିବା ଏବଂ ଏଥିରୁ ପ୍ରସ୍ତୁତ ଖାଦ୍ୟ ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଭାରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡେଭିଡ୍ ଜେମସ୍ ବାଗେ, ମୃତ୍ତିକା ବୈଜ୍ଞାନିକ ମନୋଜ କୁମାର ଜେନା, ଆଞ୍ଚଳିକ କୃଷି ଗବେଷଣା ଉପ-କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ କୁମାର ବିଶ୍ୱାସୀ ପ୍ରମୁଖ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ, ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତ ଦେଇ ଏହାର ପୋଷଣ ନିରାପତ୍ତା ଓ ଔଷଧୀୟ ଗୁଣ ଉପରେ ଗ୍ରାମବାସୀଙ୍କୁ ସଚେତନତା କରାଇଥିଲେ। ବ୍ୟଞ୍ଜନକୁ ସମସ୍ତ ବିଚାରମଣ୍ଡଳୀ ଓ ଜନସାଧରଣ ଚାଖିଥିଲେ ଏବଂ ଏହାର ସମ୍ବେଦନଶୀଳତା ମୂଲ୍ୟାଙ୍କନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୫ ଜଣ ସଫଳ ପ୍ରତିଯୋଗୀଙ୍କୁ ବଛାଯାଇ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଓ ମହିଳା ଚାଷୀ ମିଲେଟ୍ ଚାଷର ବହୁଳ ପ୍ରସାର ଓ ମିଲେଟରୁ ପ୍ରସ୍ତୁତ ଖାଦ୍ୟକୁ ଆପଣେଇବା ନିମନ୍ତେ ଲୋକନୃତ୍ୟ ଓ ସଂଗୀତ ମାଧ୍ୟମରେ ବାର୍ତ୍ତା ଦେବାର ପ୍ରୟାସ କରିଥିଲେ। ଚାଷୀଙ୍କ ଦ୍ୱାରା ଚାଷ ହେଇଥିବା ବିଭିନ୍ନ ମିଲେଟ୍ ଜାତୀୟ ଫସଲ ନମୁନା ପ୍ରଦର୍ଶିତ ହୋଇଥିଲା।


ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ।

## ଭାଜପାର ଜନ ବିକ୍ଷୋଭ କାର୍ଯ୍ୟକ୍ରମ


ବିଧାୟିକା ଟେଟେ ସଭାରେ ଭାଷଣ ଦେଉଛନ୍ତି।

ସୁନ୍ଦରଗଡ,୧୬।୧୧(ଜୟ ନାରାୟଣ ମେଣ୍ଡୁଲି)

ବିଜୁ ଜନତା ଦଳର ଦୀର୍ଘ ୨୪ବର୍ଷର ସ୍ଥିର ସରକାର ଓ ସ୍ଥାନୀୟ ପ୍ରଶାସନ ସୁନ୍ଦରଗଡ଼ ଜିଲା ପ୍ରତି ବୈମାତୃକ ମନୋଭାବ ବିରୋଧରେ ଗୁରୁବାର ଭାଜପା ପକ୍ଷରୁ ସ୍ଥାନୀୟ ମାଦ୍ରିକାଲୋ ଭବନଠାରେ ଏକ ଜନ ବିକ୍ଷୋଭ ଜନସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିରେଇ, ମଖାପଡ଼ା ଏବଂ ସୁନ୍ଦରଗଡ଼ ପୌରାଞ୍ଚଳ ମଣ୍ଡଳର ଦଳୀୟ କର୍ମକର୍ତ୍ତାଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ଏହାପରେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡା ଏବଂ ସଦର ବ୍ଲକ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟିକା ତଥା ରାଜ୍ୟସଭାନେତ୍ରୀ କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ଅଜୟ ପଟେଲ, ପୌରାଧକ୍ଷା ତନୟା ମିଶ୍ର, ବ୍ଲକ ଅଧକ୍ଷ ସୁବ୍ରତ ମାଝି, ଜିଲା ସାଧାରଣ ସଂପାଦକ ସୁଖଲାଲ ମୁଣ୍ଡା, ଯଶୋବନ୍ତ ନାଏକ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭେଷଜ ରଥ, ଜିଲା ଉପସଭାନେତ୍ରୀ ସଂଯୁକ୍ତା ନାଏକ, ଜିଲା ସ୍ୱଚ୍ଛ ଭାରତ ସଂଯୋଜକ ସୁରେନ୍ଦ୍ର ସ୍ୱର୍ଣ୍ଣକାର, ବରିଷ୍ଠ ନେତା ଅଶୋକ ସାଏ, ଜିଲା ସଂପାଦକ ଆଶିଷ ପଟେଲ, ମଣ୍ଡଳ ସଭାପତି ମନୋଜ ପୁରୋହିତ, ହେମନ୍ତ କିଷାନ, ପ୍ରଦୀପ ଚୌଧୁରୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ସୁଦାମ ହୋତା, ଅସୀମ ପଟେଲ, ଜିଲା ଯୁବ ମୋର୍ଚ୍ଚା ସଭାପତି ଅମୀୟ ପଟ୍ଟନାୟକ, ଜିଲା ଏସସି ମୋର୍ଚ୍ଚା ସଭାପତି ସିମେଶ୍ୱର ଲରିଆ, ବିଧାୟିକା ପ୍ରତିନିଧି ଭୀମସେନ ନାଏକ, ଜଗନ୍ନାଥ ଜେନା, ୱାର୍ଡ କାଉନସିଲର ରମେଶ ସୋରେଙ୍ଗ, ମିନତୀ ପୁରୋହିତ, ମମତା ଖାଲଖୋ, ଭାରତୀ ପଟେଲ, ବିଶାଳ କୁମୁରା, ଦୀପଞ୍ଜଳୀ ନନ୍ଦ, ମହିଳା ନେତ୍ରୀ ମୀନା ନାଏକ, ଅନୁପମା ଟୋପ୍ପୋ, ପୂର୍ବତନ ନଗର ମଣ୍ଡଳ ସଭାପତି ଅଶୋକ ସାହୁ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶ୍ରୀକାନ୍ତ ଭଞ୍ଜଙ୍କ ସମେତ ୩ଟି ମଣ୍ଡଳର ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com

@ ଶୁଭମ୍

@ ଶାନ୍ତନୁ

@ ରୁବି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଥାନା ଆଗରେ ଧାରଣାରେ ବସିଲେ ଏମ୍‌ପି ଜୁଏଲ

ସୁନ୍ଦରଗଡ,୧୭।୧୧(ଜୟ ନାରାୟଣ ମେଣ୍ଡୁଲି)

ଦଶହରା ରାତିରେ କରମଡିହି ଭଲକାପଡାଠାରେ ଓରାମ ସମାଜ ପକ୍ଷରୁ ଚାଲିଥିବା ଦଶମୀକରମା ପୂଜା ସ୍ଥାନରେ ପହଞ୍ଚି କିଛି ଯୁବକ ଗଣ୍ଡଗୋଳ ଓ ମାରପିଟ କରିଥିଲେ। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ପ୍ରତିବାଦ କରି ଶୁକ୍ରବାର ଶତାଧିକ ଆଦିବାସୀ ମହିଳା ପୁରୁଷଙ୍କ ସହ ଏମ୍‌ପି ଜୁଏଲ ଓରାମ ସ୍ଥାନୀୟ ସଦର ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଡ ବସିଥିଲେ। ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ଦାସ, ସଦର ଏସ୍‌ଡିପିଓ ହିମାଂଶୁ ବେହେରା, ଟାଙ୍ଗରପାଲି ତହସିଲଦାର ରାଜୀବ ହାସଦା ଧାରଣାରତ ଏମ୍‌ପି ଓ ଓରାମ ସମାଜର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଖୁବ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବିଜେଡି ନେତୃତ୍ୱ ଚମେଲି ଓରାମ ମଧ ସାମିଲ ଥିଲେ।


ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ଏମ୍‌ପି ଓରାମ ଓ ଆଦିବାସୀ ମହିଳା।

# ଇଏସ୍‌ଆଇସି ହସ୍ପିଟାଲ ଘେରାଉ

ରାଉରକେଲା, ୧୭।୧୧(ସଙ୍ଗୀତା ଜେନା)

ରାଉରକେଲା ଜେଲ ରୋଡ ସ୍ଥିତ ଇଏସ୍‌ଆଇସି ହସ୍ପିଟାଲରେ ସମସ୍ତ ବିଶେଷଜ୍ଞ ଡାକ୍ତରଙ୍କ ବଦଳି କରାଯାଇଛି। ଏଠାରେ ସ୍ପେଶାଲିଷ୍ଟ ଡାକ୍ତରଙ୍କ ଅଭାବ ଯୋଗୁ ୭୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ବର୍ତ୍ତମାନ ୫ରୁ ୭ଟି ଶଯ୍ୟାରେ ରୋଗୀ ଚିକିତ୍ସିତ ହେଉଛନ୍ତି। ଏଠାରେ ହସ୍ପିଟାଲ ରୋଗୀଶୂନ୍ୟ ଓ ରେଫରାଲ ବନ୍ଦକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ପକ୍ଷରୁ ଉକ୍ତ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ହସ୍ପିଟାଲ କର୍ତ୍ତୃପକ୍ଷ ତୁରନ୍ତ ବଦଳି ହୋଇଥିବା ଡାକ୍ତରଙ୍କ ସ୍ଥାନରେ ନୂତନ ଡାକ୍ତର ଆଣି ଚିକିତ୍ସା ବ୍ୟବସ୍ଥାରେ ସୁଧାର ଆଣିବାକୁ ଦାବି ହୋଇଥିଲା।



ଜେଲ୍ ରୋଡ ସ୍ଥିତ ଇଏସ୍‌ଆଇସି ହସ୍ପିଟାଲକୁ ଘେରାଉ କରାଯାଇଛି।

ଟ୍ରେଡ୍ ୟୁନିୟନର ଏକ ପ୍ରତିନିଧି ଦଳ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ଜୟନ୍ତୀ ବେହେରାଙ୍କ ସହ ଆଲୋଚନା କରି ଉକ୍ତ ଦାବି ଉପସ୍ଥାପନ କରିଥିଲେ। ଏହାର ସମାଧାନ ପାଇଁ ୭ଦିନ ଅର୍ଥାତ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ସମୟ ଦେବାକୁ ସୁପରିଣ୍ଟେଣ୍ଡେଣ୍ଟ ବେହେରା କହିଥିଲେ। ଉକ୍ତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ସମ୍ପୂର୍ଣ୍ଣ ହସ୍ପିଟାଲଙ୍କୁ ଅଚଳ କରିଦିଆଯିବ

### ଡାକ୍ତରଙ୍କ ଏକତରଫା ବଦଳିକୁ ବିରୋଧ

ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ମହେଶ୍ୱର ମହାପାତ୍ର, ଉମେଶ ଚନ୍ଦ୍ର ନାୟକ, ଜଗବନ୍ଧୁ ଜେନା, ଦିଲୀପ ଜେନା, ଶରତ ଚନ୍ଦ୍ର ଜେନା, କୃଷ୍ଣଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ଜେନା, ସିଟୁର ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଯଯାତି ସାହୁ, ଅରୁ ଦାସ, ବିପି ମହାପାତ୍ର, ଆଇଏନ୍‌ଟିୟୁସିର ନିହାର ଦାସ, ଏଆଇଟିୟୁସି କୈଳାସ ନାୟକ, ବିଷ୍ଣୁ ପଣ୍ଡା, ଏଆଇସିସିଟିୟୁର ମନିନ୍ଦ୍ର ସାମଲ, ଏଲ୍‌ପିଏଫ୍‌ର ରମେଶ ସାହୁଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# କାର୍ଯ୍ୟାନୁଷ୍ଠାନ ପାଇଁ ଆର୍‌ଡିସିଙ୍କୁ ଦାବିପତ୍ର



କର୍ମକର୍ତ୍ତାମାନେ ଆର୍‌ଡିସିଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

ସମ୍ବଲପୁର,୧୭।୧୧
(ଭବାନୀ ଶଙ୍କର ଭୋଇ)

### ମା' ସମଲେଇ ଓ ସମ୍ବଲପୁରୀ ଭାଷା ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ

ରାଜ୍ୟରେ ଓଡ଼ିଆ ଭାଷା ସହ ସମ୍ବଲପୁରୀ ଭାଷା ସଂସ୍କୃତିର ନିଜସ୍ୱ ସ୍ଥାନ ରହିଛି। ହେଲେ କେତେକ ବ୍ୟକ୍ତି ପଶ୍ଚିମ ଓଡିଶାର ଆରାଧ୍ୟ ଦେବୀ ସମଲେଶ୍ୱରୀ ଓ ସମ୍ବଲପୁରୀ ଭାଷା ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ପଛାଇ ନାହାନ୍ତି। ଏହାକୁ ନେଇ ପଶ୍ଚିମ ଓଡିଶାବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଶୁକ୍ରବାର ହୀରାଖଣ୍ଡ ସାମ୍ମୁଖ୍ୟ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସହ ସମ୍ବଲପୁରର ବ୍ୟବସାୟୀ ଓ ଅନ୍ୟାନ୍ୟ ସଙ୍ଗଠନ ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସମ୍ବଲପୁର ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଯେଉଁମାନେ ସାମାଜିକ ଗଣମାଧ୍ୟମରେ ସମଲେଇ ଓ ସମ୍ବଲପୁରୀକୁ ନେଇ ଅଶାଳୀନ ମନ୍ତବ୍ୟ ରଖୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏହାସହ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନ ଦେବା ପାଇଁ କର୍ମକର୍ତ୍ତାମାନେ ଦାବି କରିଥିଲେ। ହୀରାଖଣ୍ଡ ସାମ୍ମୁଖ୍ୟ ସ୍ୱତନ୍ତ୍ର ରାଜ୍ୟ ଦାବିକୁ ସମର୍ଥନ କରେ ଏବଂ ହୀରାଖଣ୍ଡ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବିପତ୍ର ଦିଆଯାଇଥିଲା। ଏଥିପାଇଁ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ମ୍ୟୁନିସିପାଲିଟି ଛକରୁ ଶୋଭାଯାତ୍ରା କରି ଆର୍‌ଡିସିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଶନିବାର ମହାବନ୍ଦ ଡାକରା ଦିଆଯାଇଥିବା ବେଳେ ହୀରାଖଣ୍ଡ ସାମ୍ମୁଖ୍ୟ ଓ ସହଯୋଗୀ ସଙ୍ଗଠନ କର୍ମକର୍ତ୍ତା ଏହାକୁ ସମର୍ଥନ କରିବେ ନାହିଁ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ। ସ୍ୱତନ୍ତ୍ର ରାଜ୍ୟ ଦାବି ଏବଂ ସମ୍ବଲପୁରୀ ଭାଷାର ସମ୍ମାନ ପାଇଁ ଲଢେଇକୁ ସମର୍ଥନ କରୁଛୁ। ତେବେ କୋଶଳ ଏବଂ କୋଶଳୀ ନାମକୁ ସବୁବେଳେ ବିରୋଧ କରିବୁ ବୋଲି ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ହୀରାଖଣ୍ଡ ସାମ୍ମୁଖ୍ୟର ସଭାପତି ରାମାନୁଜ ପଣ୍ଡା, ଉପସଭାପତି ଦିପକ କୁମାର ପଣ୍ଡା ଏବଂ ଅଖିଳ ପଟ୍ଟନାୟକ, ପୂର୍ବତନ ସଭାପତି ଡ. ପରେଶ ଚନ୍ଦ୍ର ଦାନି, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦର ପ୍ରଫୁଲ୍ଲ ହୋତା ପ୍ରମୁଖ ସାମିଲ ହୋଇଥିଲେ।

## ପିକେଟିଂ କରିବ ନାହିଁ ଜିଲା ଓକିଲ ସଂଘ

ସମ୍ବଲପୁର,୧୭।୧୧
(ଭବାନୀ ଶଙ୍କର ଭୋଇ)

### ପଶ୍ଚିମାଞ୍ଚଳ ହକ୍ ପାଇଁ ବନ୍ଦ ଆହ୍ୱାନକୁ ନୈତିକ ସମର୍ଥନ

ଅଭିନେତା ମନୋଜ ମିଶ୍ରଙ୍କ ସମର୍ଥନରୁ ଆରମ୍ଭ ହୋଇଥିବା ବିବାଦ ପଶ୍ଚିମ ଓଡିଶା ପ୍ରତି ସରକାରଙ୍କ ଅବହେଳା ସହିତ ଯୋଡାଯାଇ ସ୍ୱତନ୍ତ୍ର ରାଜ୍ୟ ଦାବି କରୁଥିବା ଅନେକ ସଙ୍ଗଠନ ଶନିବାର ୧୨ଘଣ୍ଟିଆ ମହାବନ୍ଦ ଡାକରା ଦେଇଛନ୍ତି। ଏହାକୁ ନେଇ ସମ୍ବଲପୁରରେ ଭିନ୍ନ ମତ ପ୍ରକାଶ ପାଇଛି। ହୀରାଖଣ୍ଡ ସାମ୍ମୁଖ୍ୟ ଓ ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସମ୍ବଲପୁରୀ ଭାଷାକୁ କୋଶଳୀ କରଣ କରାଯାଉଥିବା ଅଭିଯୋଗ କରି କୋଶଳ ଓ କୋଶଳୀ ନାମରେ କୌଣସି ଆନ୍ଦୋଳନକୁ ସମର୍ଥନ କରାଯିବ ନାହିଁ ବୋଲି ଘୋଷଣା କରିଛନ୍ତି।

ସମ୍ବଲପୁରରେ ବନ୍ଦ ପ୍ରଭାବ ଅନେକ ମାତ୍ରାରେ ଜିଲା ଓକିଲ ସଂଘର ସମର୍ଥନ ଉପରେ ନିର୍ଭର କରିଥାଏ। ସେଥିପାଇଁ ଉଭୟ କୋଶଳ ସମର୍ଥକ ଓ ହୀରାଖଣ୍ଡ ସମର୍ଥକ ଜିଲା ଓକିଲ ସଂଘର କର୍ମକର୍ତ୍ତାଙ୍କୁ ଭେଟି ସମର୍ଥନ ହାତେଇବା ପାଇଁ ଆଶା ରଖିଥିଲେ। ହେଲେ କିଛିମାସ ଆଗରୁ ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ସମୟରେ ବିଭିନ୍ନ ପର୍ଯ୍ୟାୟରେ ୪ ମହିଳା ଓକିଲଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଓକିଲଙ୍କୁ ଗିରଫ କରାଯାଇ ଦୀର୍ଘ ୨ମାସ ଧରି ଜେଲ ଭୋଗିବା ସମୟରେ କୌଣସି ସଂଗଠନ ସାମ୍ନାକୁ ଆସି ଓକିଲମାନଙ୍କୁ ସମର୍ଥନ କରି ନ ଥିଲେ। ଏହାକୁ ନେଇ ଜିଲା ଓକିଲ ସଂଘର ସଦସ୍ୟମାନଙ୍କ ଭିତରେ ଅସନ୍ତୋଷ ରହିଥିଲା। ଏବେ ବନ୍ଦ ପାଇଁ ସମର୍ଥନ ଆଶା କରୁଥିବା ସଙ୍ଗଠନମାନଙ୍କ ଉପରେ ଜିଲା ଓକିଲ ସଂଘର କର୍ମକର୍ତ୍ତା ରାଗ ଶୁଝାଇଥିଲେ। ଗୁରୁବାର କୋଶଳ ସମର୍ଥକମାନେ ଜିଲା ଓକିଲ ସଂଘର ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କୁ ସଂଘ କାର୍ଯ୍ୟାଳୟରେ ଭେଟି ବନ୍ଦକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ସଂଘ ସଭାପତି ସୁରେଶ୍ୱର ମିଶ୍ର ଓକିଲମାନେ ଜେଲରେ ଥିବାବେଳେ ଆପଣମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ କି ବୋଲି ପ୍ରଶ୍ନ କରିଥିଲେ। ସମ୍ବଲପୁରୀ ଭାଷା ପ୍ରତି ହେଉଥିବା ଅପମାନକୁ ଓକିଲସଂଘ ନିନ୍ଦା କରୁଛି ଏବଂ ଆମେ ପଶ୍ଚିମ ଓଡିଶାର ସ୍ୱାର୍ଥ ପାଇଁ ଯେ କୌଣସି ଆନ୍ଦୋଳନକୁ ନୈତିକ ସମର୍ଥନ କରୁଛୁ। ହେଲେ ସମ୍ବଲପୁର ସହର ଓ କୋର୍ଟ ବନ୍ଦ ପାଇଁ ପିକେଟିଂ କରିବାକୁ ଓକିଲମାନେ ବାହାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଆପଣମାନେ କୋର୍ଟ ବନ୍ଦ କଲେ ଆମେ କୋର୍ଟକୁ ଆସିବୁ ନାହିଁ। ତେବେ କୋର୍ଟ ଖୋଲା ରହିଲେ ଓକିଲମାନେ ନିଜ କାର୍ଯ୍ୟରେ ଯୋଗଦେବେ ବୋଲି ଜିଲା ସଭାପତି ସ୍ପଷ୍ଟ କରିଥିଲେ। ସେହିପରି ଜିଲା ଓକିଲସଂଘର ସମର୍ଥନ ପାଇଁ ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ଏକ ଟିମ୍ ସଂଘ କାର୍ଯ୍ୟାଳୟରେ ପହଞ୍ଚିଥିବା ବେଳେ ସଂଘ ସଭାପତି ସମାନ ଢଙ୍ଗରେ ସାମ୍ମୁଖ୍ୟର ନେତାମାନଙ୍କୁ ପ୍ରଶ୍ନ କରିଥିଲେ। ହାଇକୋର୍ଟ ବେଞ୍ଚ ଆନ୍ଦୋଳନ ସମୟରେ ରାଜରାସ୍ତାକୁ ଓହ୍ଲାଇ ନ ଥିବା ସଙ୍ଗଠନ ଓକିଲସଂଘ କାନ୍ଧରେ ବନ୍ଧୁକ ରଖି ନିଜ ସ୍ୱାର୍ଥ ହାସଲ ଦିଗରେ ସମର୍ଥନ ମାଗିବା ଦୁଃଖଦାୟକ ବୋଲି ସଂଘ ସଭାପତି କହିଛନ୍ତି । ଜିଲା ଓକିଲସଂଘ ହାତ ଟେକିଦେଇ ନୈତିକ ସମର୍ଥନ ଘୋଷଣା କରିବା ପରେ ସମ୍ବଲପୁରରେ ବନ୍ଦର ପ୍ରଭାବ କିଭଳି ପଡିବ ତାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି।


@ ଶୁଭମ୍


@ ଶାନ୍ତନୁ


@ ରୁବି

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସନ୍ଦିଗ୍ଧ ଯାତ୍ରୀଙ୍କ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ସମ୍ବଲପୁର,୧୭।୧୧(ପ୍ରମୋଦ ବହିଦାର)

### ଟ୍ରେନ୍‌ରେ ଦହନଶୀଳ ଦ୍ରବ୍ୟ ପରିବହନ ରୋକିବାକୁ ଯାଞ୍ଚ ଅଭିଯାନ

ଯାତ୍ରୀବାହୀ ଟ୍ରେନ୍‌ରେ ବାଣ ବା ଦହନଶୀଳ ଦ୍ରବ୍ୟ ପରିବହନକୁ ରୋକିବା ଦିଗରେ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ରେଳ ମଣ୍ଡଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଓ ବରିଷ୍ଠ ମଣ୍ଡଳ ସୁରକ୍ଷା କମିଶନର ଅନୁପ ଗୋଏଙ୍କା ସୂଚନା ଦେଇ କହିଛନ୍ତି, ଯାତ୍ରୀବାହୀ ଟେନ୍‌ରେ ଦହନଶୀଳ ଦ୍ରବ୍ୟ ନେବା ରେଳବାଇ ଅଧିନିୟମ ୧୯୩୯ ଅନ୍ତର୍ଗତ ଏକ ଦଣ୍ଡନୀୟ ଅପରାଧ। ଏହାର ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ପାଇଁ ୩ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗିବାର ପ୍ରାବଧାନ ରହିଛି। ତେବେ ରେଳଯାତ୍ରାକୁ ସୁରକ୍ଷିତ କରିବା ପାଇଁ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଯାତ୍ରୀବାହୀ ଟ୍ରେନ୍‌ରେ ବାଣ, ପେଟ୍ରୋଲ, କିରୋସିନ, ଗ୍ୟାସ୍ ସିଲିଣ୍ଡର, ଏସିଡ୍ ଆଦି ଦହନଶୀଳ ଦ୍ରବ୍ୟ ପରିବହନକୁ ବାରଣ କରାଯାଇଛି। ଏଥିପାଇଁ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ଯାତ୍ରୀବାହୀ ଟ୍ରେନ୍‌ରେ ଯାଞ୍ଚ ଅଭିଯାନ ଆରମ୍ଭ ହୋଇଛି। ଏଥିରେ ରେଳବାଇ ପୋଲିସ ଓ ରେଳ ସୁରକ୍ଷା ବଳକୁ ନିୟୋଜିତ କରାଯାଇଛି। ସନ୍ଦିଗ୍ଧ ଯାତ୍ରୀଙ୍କ ଉପରେ ନଜର ରଖିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ସମ୍ବଲପୁର ରେଳ ମଣ୍ଡଳର ଯାଞ୍ଚ ଅଭିଯାନ।

ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ସିଂ ଆହୁରି କହିଥିଲେ, ଆଗକୁ କାର୍ତ୍ତିକପୂର୍ଣ୍ଣିମା, ଛଟ୍ ପର୍ବ ଭଳି ଆତସବାଜିର ପର୍ବ ରହିଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡଳ ଅଧୀନରେ ଚଳାଚଳ କରୁଥିବା ସମସ୍ତ ଟ୍ରେନ୍‌ରେ ଯାଞ୍ଚ ଅଭିଯାନକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଷ୍ଟେସନରେ ରେଳଯାତ୍ରୀଙ୍କ ସହାୟତା ପାଇଁ ରେଳ କର୍ମଚାରୀଙ୍କ ସହ ରେଳବାଇ ପୋଲିସ ଓ ରେଳ ସୁରକ୍ଷା ୱିଙ୍ଗ୍, ଟିଟିଇ, କୋଚ୍ ଆଟେଣ୍ଡାଣ୍ଟ, ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ଏପରି କି ବିଭିନ୍ନ ଟ୍ରେନରେ ଅତର୍କିତ ଯାଞ୍ଚ କରିବାର ବ୍ୟବସ୍ଥା କରାଯାଇଛି ବୋଲି ସେ ସୂଚନା ଦେଇଥିଲେ।

## ଡିସେମ୍ବର ୨୭ରୁ ଜନଜାଗରଣ ଗାୟତ୍ରୀ ଯଜ୍ଞ



ଖବରଦାତା ସମ୍ମିଳନୀରେ ଯଜ୍ଞ କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ସମ୍ବଲପୁର,୧୭।୧୧(ବି.ଶଙ୍କର)

ଆସନ୍ତା ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ହରିଦ୍ୱାରର ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ତତ୍ତ୍ୱାବଧାନରେ ସମ୍ବଲପୁରଠାରେ ୪ଦିନ ବ୍ୟାପୀ ୧୦୮ କୁଣ୍ଡୀୟ ଜନଜାଗରଣ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହେବ। ଏଥିସକାଶେ ବ୍ୟାପକ ପ୍ରସ୍ତୁତି ଚାଲିଛି। ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଯଜ୍ଞ କମିଟି ଅଧ୍ୟକ୍ଷ ଦୀନଦୟାଲ ଅଗ୍ରୱାଲ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ବିଶ୍ୱର ନବ ନିର୍ମାଣ, ମନୁଷ୍ୟଠାରେ ଦେବତ୍ୱର ଜାଗରଣ, ବିଚାର ଓ ବାତାବରଣର ପରିଶୋଧନ ଏବଂ ବାୟୁ ପ୍ରଦୂଷଣ ଦୂର କରିବା ଉଦ୍ଦେଶ୍ୟରେ ଏହି ଯଜ୍ଞ ଆୟୋଜନ କରାଯାଉଛି। ଏଥିରେ ପଶ୍ଚିମ ଓଡିଶା ତଥା ପଡୋଶୀ ରାଜ୍ୟର ଲକ୍ଷାଧିକ ଭକ୍ତ ଯୋଗଦେବା ଆଶା ରହିଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ହରିଦ୍ୱାରସ୍ଥିତ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ଉପକୁଳପତି ଡାକ୍ତର ଚିନ୍ମୟ ପାଣ୍ଡ୍ୟା ଯୋଗଦେଇ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଯଜ୍ଞର ପ୍ରଚାର ପ୍ରସାର ଲାଗି ହରିଦ୍ୱାରରୁ ଆସିଥିବା ଶକ୍ତି କଳସ ଗତ ୯ ତାରିଖରୁ ସମ୍ବଲପୁରରୁ ବାହାରି ସୁବର୍ଣ୍ଣପୁର, ବୌଦ୍ଧ ଓ ଅନୁଗୋଳ ଜିଲା ପରିକ୍ରମା ଶେଷ କରିଛି । ଆଗାମୀ ଦିନରେ ଏହି କଳସ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲା ପରିକ୍ରମା କରିବ। ଏତଦ୍‌ବ୍ୟତୀତ ସମ୍ବଲପୁର ମହାନଗର ନିଗମର ସମସ୍ତ ୱାର୍ଡ ଓ ୧୦୮ ଗ୍ରାମରେ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ। ଯଜ୍ଞର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ ଅଗ୍ରୱାଲ କହିଛନ୍ତି, ଡିସେମ୍ବର ୧ରେ ରେମେଡର କଦମମାଳ ଯଜ୍ଞସ୍ଥଳରେ ଦେବ ଦମ୍ପତି ସମ୍ମିଳନୀ ସହିତ ଭୂମିପୂଜନ କରାଯିବ। ଏଥିରେ ପ୍ରାୟ ୧ହଜାର ଦମ୍ପତି ଅଂଶଗ୍ରହଣ କରିବେ। ଡିସେମ୍ବର ୨୭ରେ ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହେବ। ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଗାୟତ୍ରୀ ଯଜ୍ଞ, ପ୍ରବଚନ ଓ ବିଭିନ୍ନ ସଂସ୍କାର କରାଯିବ । ଏହି ଖବରଦାତା ସମ୍ମିଳନୀରେ ଯଜ୍ଞର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର, ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟ ମୁଖ୍ୟ ଉପେନ୍ଦ୍ର କୁମାର ପାଢ଼ୀ, ସହକାରୀ ଟ୍ରଷ୍ଟି ଶିବନାରାୟଣ ଶତପଥୀ, ରଘୁମଣି ଦାଶ, ଦିଲୀପ ସାନବଡ଼, ସତ୍ୟନାରାୟଣ ପଟେଲ, ବାନାମ୍ବର ସର, ନଳିନୀକାନ୍ତ ନାଥ, ଦୀପ୍ତିମୟୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଭାଜପା ପକ୍ଷରୁ ଧନକଉଡ଼ା ବ୍ଲକ ଘେରାଉ

ସମ୍ବଲପୁର,୧୭।୧୧
(ଭବାନୀ ଶଙ୍କର ଭୋଇ)

ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଭାଜପା ପକ୍ଷରୁ ଧନକଉଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଧନକଉଡ଼ା ଖେଳ ପଡିଆରୁ ଦଳୀୟ କର୍ମୀ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଗୋଶାଳା ମଣ୍ଡଳ ସଭାପତି ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନେତାମାନେ ଅଭିଯୋଗ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଯୋଜନାରେ ଓଡିଶାକୁ ବିଗତ ୯ ବର୍ଷରେ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ଦେଇଥିବା ବେଳେ ଏହାର ଲାଭ ଲୋକଙ୍କ ପାଖକୁ ପହଞ୍ଚିପାରୁନାହିଁ। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକରେ ବ୍ୟାପକ ଦୁର୍ନୀତି ହେଉଛି। ଲୋକେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଲୋକମାନଙ୍କୁ ଜମି ପଟ୍ଟା ଦେବାରେ ସରକାର ବିଫଳ ହୋଇଥିବା ରେଙ୍ଗାଲି ବିଧାୟକ ନାୟକ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶାସନ ମଣ୍ଡଳ ସଭାପତି ପ୍ରଶାନ୍ତ ବାରିକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, କଲାମଟି ପଞ୍ଚାୟତ ସରପଞ୍ଚ ସୁଷମା ସାହୁ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ମହେନ୍ଦ୍ର ମିଶ୍ର, ଗୋଶାଳା ମଣ୍ଡଳ ଉପସଭାପତି ସଞ୍ଜୀବ ପୁରୋହିତ ପ୍ରମୁଖ ଅଭିଭାଷଣ ରଖିଥିଲେ। ଏହାପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଧନକଉଡା ବିଡିଓଙ୍କୁ ଦାବିପତ୍ର ଦିଆଯାଇଥିଲା।

## ବାମରା ବ୍ଲକ ଅଫିସ୍ ଘେରିଲା ଭାଜପା

କୁଚିଣ୍ଡା,୧୭।୧୧(ବିରଞ୍ଚି ଦର୍ଶୀ)

ରାଜ୍ୟ ସରକାରଙ୍କ ବିରୋଧରେ ଶୁକ୍ରବାର ଭାଜପା ପକ୍ଷରୁ ବାମରା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୧୧ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ କାଳୀ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ ଅଫିସକୁ ପହଞ୍ଚିଥିଲା। ପୂର୍ବତନ ସମିତିସଭ୍ୟ ପଦ୍ମଚରଣ ଗୁରୁଙ୍କ ସଂଯୋଜନାରେ ହୋଇଥିବା ବିକ୍ଷୋଭ ସଭାରେ ପୂର୍ବତନ ବିଧାୟକ ନାଏକ, ଭାଜପା ସମ୍ବଲପୁର ଜିଲା ସଭାପତି ଶିରିଶ ପଟେଲ, ବ୍ଲକ ଅଧକ୍ଷା ପିଙ୍କି ଧୂରୁଆ, ଉପାଧ୍ୟକ୍ଷ ସଞ୍ଜୟ ଦାସ, ମଣ୍ଡଳ ସଭାପତି ଅମରେଶ ସିଂ ଠାକୁର, ପୂର୍ବତନ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ଧୂରୁଆ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରି ଲୋକଙ୍କୁ ଭୁଆଁ ବୁଲାଉଥିବା କହିଥିଲେ। ଏହାଛଡା ବ୍ଲକରେ ହେଉଥିବା ଦୁର୍ନୀତି ବନ୍ଦ କରିବାକୁ ଦାବି କରିଥିଲେ। ଏହି ଆନ୍ଦୋଳନରେ ସରପଞ୍ଚ ଜଗଦିଶ ନାଏକ, ଭଗିନ୍ଦ୍ର କିଷାନ, ସମୀର ବରିହା,ଲାବଣ୍ୟ ନାଏକ, ପ୍ରଦାୟିନୀ ସା, ସମିତିସଭ୍ୟ ଦୁର୍ଯ୍ୟୋଧନ ମୁଣ୍ଡା ଯୋଗଦେଇ ଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ସୁଶାନ୍ତ କୁମାର ପଣ୍ଡା ଦାବିପତ୍ର ଗ୍ରହଣ କରିଥିଲେ। ବାମରା ତହସିଲଦାର ଦିଲିପ କୁମାର ପ୍ରଧାନ ଓ କୁଚିଣ୍ଡା ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇଥିବା ବେଳେ ଏସ୍‌ଡିପିଓ ଅମିତାଭ ପଣ୍ଡା ଓ ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା ସଦଳବଳ ଉପସ୍ଥିତ ଥିଲେ।


ଆନ୍ଦୋଳନରେ ସାମିଲ ଭାଜପା କର୍ମୀ।

## ସର୍ବଭାରତୀୟ କୁଚ୍‌ବିହାର ଟ୍ରଫି ଆରମ୍ଭ

- ପଣ୍ଡିଚେରୀ ୨୨୫ ରନରେ ସୀମିତ
- ଟ୍ରମ୍ପ ଅପସାରଣ ବେଳକୁ ଓଡ଼ିଶାର ୮ ରନ

ସମ୍ବଲପୁର,୧୭।୧୧(ବି.ଶଙ୍କର)


ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଖେଳାଳିମାନେ।

୧୯ ବର୍ଷରୁ କମ କୁଚ୍‌ବିହାର ଟ୍ରଫି ଓଡିଶା ବନାମ ପଣ୍ଡିଚେରୀ କ୍ରିକେଟ ମ୍ୟାଚ ସମ୍ବଲପୁରସ୍ଥିତ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଶୁକ୍ରବାର ଆରମ୍ଭ ହୋଇଛି। ଟସ୍ ଜିଣି ପଣ୍ଡିଚେରୀ ଦଳ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୮୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୨୨୫ ରନ କରିଥିଲା। ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଖୁସୱାନ୍ତ ସିଲୋରା ୧୬୩ ବଲର ସମ୍ମୁଖୀନ ହୋଇ ୮୧ ରନ କରି ଅପରାଜିତ ରହିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନ ଯଶୱାନ୍ତ ଶ୍ରୀରାମ ୫୨ ବଲରେ ୩୨ ରନ କରିଥିଲେ। ଓଡିଶା ବୋଲର ସୟଦ ଟିଅହମ୍ମଦ ୨୫ ଓଭରରେ ୬୪ ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଶ୍ରୀରାଜ ପଟ୍ଟନାୟକ ୧୪.୩ ଓଭରରେ ୪୦ ରନ ଦେଇ ୩ ଉଇକେଟ ନେଇଥିଲେ। ଦଳର ଅନ୍ୟତମ ବୋଲର ମହମ୍ମଦ ସୋହେଲ ଖାନ ୧୨ ଓଭରରେ ୩୮ ରନ ବ୍ୟୟ କରି ୨ଟି ଏବଂ ସାର୍ଥକ ପଣ୍ଡା ୧୨ ଓଭରରେ ୩୬ ରନ ଦେଇ ଗୋଟିଏ ଉଇକେଟ ପାଇଥିଲେ। ଏହାପରେ ଓଡିଶା ଦଳ ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଓହ୍ଲାଇଥିଲା। ପ୍ରଥମ ଦିନର ଟ୍ରମ୍ପ ଅପରାସଣ ବେଳକୁ ଘରୋଇ ଓଡିଶା ଦଳ କୌଣସି ଉଇକେଟ ନ ହରାଇ ୬ ଓଭରରେ ୮ରନ ସଂଗ୍ରହ କରିଛି। ଅମ୍ପାୟାର କ୍ରିଷ୍ଣେନ୍ଦୁ ପାଲ ଓ ଅମିତ ରଣା ମ୍ୟାଚ ପରିଚାଳନା କରିଥିଲେ। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ଅଲମ୍ପିକ ସଂଘ ଉପସଭାପତି ତଥା ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ସୁନିଲ କୁମାର ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଆଥ୍‌ଲେଟିକ ସମ୍ପାଦକ ବିକାଶ କୁମାର ମିଶ୍ର, ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାର, ହକି ସମ୍ପାଦକ ବିନୋଦ ଟପ୍ପୋ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କାଉନସିଲ ସଭ୍ୟ ମନୋଜ କୁମାର ଭୋଇ, ସୁବୋଧ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଥିଲେ।

